# ଖବର ପ୍ରକାଶ ପରେ ପ୍ରଶାସନର ପଡ଼ିଲା ନଜର

କୋରୁକୋଣ୍ଡା, ୨୩।୨(ଡି.ଏନ.ଏ.)

## ଧରିତ୍ରୀ ପ୍ରଭାବ

ଗତ ୧୬ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଲେଖଗୁଡ଼ା: ଯେଉଁଠି ଲେଖା ହୋଇପାରୁନି ବିକାଶର ଭାଗ୍ୟରେଖା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଟିଟାପାରି–୩ ପଞ୍ଚାୟତର ଅଲେଖଗୁଡ଼ା ଗ୍ରାମରେ ସରକାରୀ ଅଧିକାରୀମାନଙ୍କ ପାଦ ପଡ଼ିଛି। ବ୍ଲକ ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଲଙ୍କେଶ୍ୱର ଲାଗୁରି, ଯୋଗାଣ ଅଧିକାରୀ ବମକେଶ ମାଝି,ଆରଡବ୍ଲ୍ୟୁଏସର କନିଷ୍ଠଯନ୍ତ୍ରୀ ସୁଗାଦ ଚରଣ ହେମ୍ବ୍ରମ ଉକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭତ୍ତା ପାଉ ନ ଥିବା ୪ ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଅନ୍ୟ ଯେଉଁ ବୃଦ୍ଧାବୃଦ୍ଧମାନେ ଭତ୍ତା ପାଉନାହାନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ଭତ୍ତା ମିଳିବ। ଖୁବ୍ ଶୀଘ୍ର ସେହି ଗାଁକୁ ରାସ୍ତା ମରାମତି ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ଦାଶରଥି ସରାବୁ କହିଛନ୍ତି। ଏହି ଗ୍ରାମରେ ୧୩ଟି ପରିବାରର ୫୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ପୂର୍ବରୁ ଗ୍ରାମବାସୀ କୁଡୁମୁଲୁଗୁମ୍ମା ନିକଟସ୍ଥ ବଡ଼ ଆଖିଆଗୁଡ଼ା ଗ୍ରାମରେ ବସବାସ କରୁଥିଲେ। ଯାତାୟାତରେ ଅସୁବିଧା ଓ ବନ୍ୟଜନ୍ତୁ ଭୟ ଯୋଗୁ ସେମାନେ କୋରୁକୋଣ୍ଡା ବ୍ଲକର ଅଲେଖଗୁଡ଼ା ଗ୍ରାମକୁ ଚାଲିଆସିଥିଲେ। ୧୨ ବର୍ଷ ହେଲା ଏହି ଗ୍ରାମରେ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ଉନ୍ନତି ପାଇଁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଆଧାର କାର୍ଡ, ଭୋଟର କାର୍ଡ, ରାଶନ କାର୍ଡ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ନିର୍ମାଣାଧୀନ କଲଭର୍ଟ ଦୀର୍ଘ ଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି। ପାନୀୟ ଜଳ ପାଇଁ ଗ୍ରାମରେ ଏକ ନଳକୂପ ଖନନ ରହିଛି। ସେଥିରୁ ଲୌହ ମିଶ୍ରିତ ପାଣି ବାହାରୁ ଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ। ଗ୍ରାମବାସୀ ନିକଟସ୍ଥ ପାହାଡ଼ ତଳୁ ଏକ ଗୁଆରୁ ପାଣି ଆଣି ବ୍ୟବହାର କରୁଛନ୍ତି।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ତନୁଶ୍ରୀ ମହାପାତ୍ର

ଠିକଣା: କଟକ (ଖାନ୍‌ନଗର)

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ, ସଦାସର୍ବଦା ଖୁସିରେ ରଖନ୍ତୁ।

-:ଶୁଭେଚ୍ଛା ସହ:-

ଜେଜେ ବାପା, ଜେଜି ମା', ପିତା: ସନ୍ତୋସ କୁମାର ମହାପାତ୍ର, ମାତା: ସୁନିତା ମହାପାତ୍ର ଓ ବନ୍ଧୁ ପରିବାରବର୍ଗ।

ଧ–୧୬୮୭୦

## Birthday Wish



Sajal (Guddu)

London

Happy Birthday dear Guddu. May god always bless you with lots of happiness and success and make all your wishes come true. Love you From: Papa, Mummy, Mamu, Main, Dada, Dadi, Sonu, Loraine and all near and dear one. Best Wishes From Aja: Surendra, Aai: Jyoshnarani, Balianta (Som Vihar), Bhubaneswar.

D-46279


## ଡି.ଏ.ଭି. ଶିକ୍ଷୟିତ୍ରୀଙ୍କୁ ଡକ୍ଟରେଟ୍ ଉପାଧି



ଶ୍ରୀମତୀ ଇତିଶ୍ରୀ ଗିରି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ତାଙ୍କର ସମସ୍ତ ମହାବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣକରି ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏଗାରତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇତିଶ୍ରୀ ଗିରିଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ତାଙ୍କ ସନ୍ଦର୍ଭର ଶୀର୍ଷକ ''ଭକ୍ତକବି ବନମାଳୀ ଦାସ''। ଗବେଷଣାର ଆଦ୍ୟ ଦିଗ୍‌ଦର୍ଶକ ପ୍ରଫେସର ଡକ୍ଟର ସୁଧୀର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସନ୍ଦର୍ଭ କାର୍ଯ୍ୟ ଆରମ୍ଭକରି ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ ଅଧୀନରେ କାର୍ଯ୍ୟ ଶେଷ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାର ଗରଦପୁର ବ୍ଲକ ଅନ୍ତର୍ଗତ ଧନୀରାମପୁର ଗ୍ରାମର ଶ୍ରୀଯୁକ୍ତ ପର୍ଶୁରାମ ଗିରି ଓ ନିର୍ମଳାପ୍ରଭା ଗିରିଙ୍କର ସେ ସର୍ବକନିଷ୍ଠା କନ୍ୟା ଏବଂ କେନ୍ଦ୍ରାପଡ଼ା ଆଳି ବ୍ଲକ ନମୌଜାର କଳଦିଆ ଗ୍ରାମର ସ୍ୱର୍ଗତ ଧରଣୀଧର ପଣ୍ଡା ଓ ବେଳରାଣୀ ପଣ୍ଡାଙ୍କର ସେ ପୁତ୍ରବଧୂ, ବିଜୟ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କର ସେ ଭ୍ରାତୃବଧୂ ଏବଂ ଅଶୋକ କୁମାର ପଣ୍ଡାଙ୍କର ଧର୍ମପତ୍ନୀ। ଶ୍ରୀମତୀ ଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀବିହାରର ପ୍ରାକ୍ତନ ଆଚାର୍ଯ୍ୟା, ଇଣ୍ଡିଗୋ କଳା ଓ ବାଣିଜ୍ୟ ଆବାସିକ ମହାବିଦ୍ୟାଳୟ ସିଡିଏ, କଟକର ପୂର୍ବତନ ଅଧ୍ୟାପିକା। ବର୍ତ୍ତମାନ ସେ ଡି.ଏ.ଭି. ପବ୍ଲିକ ସ୍କୁଲ, କଳିଙ୍ଗନଗର ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ। କାର୍ଯ୍ୟର ଶ୍ରେୟ ପୂଜ୍ୟ ବୁଢ଼ାବାପାଙ୍କୁ ଦେବା ସହିତ ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ଆଶୁତୋଷ ମଲ୍ଲିକ ଓ ସମସ୍ତ ଶୁଭଚିନ୍ତକମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ–୧୬୮୪୯

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ସ୍ମୃତିସଭା

ମାଲକାନଗିରି, ୨୩।୨(ଡି.ଏନ.ଏ.) - ମାଲକାନଗିରି ଜିଲାର ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ତଥା ସମାଜିକକର୍ମୀ ଜି. ଆରକେ ରାଓ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ରବିବାର ଏକ ସ୍ମୃତିସଭା ସ୍ଥାନୀୟ ସାଇବାବାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ସଦର ମହକୁମା ଏବଂ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜିବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକ ରାଜସ୍ୱ ବିଭାଗରେ ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲାରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ସୁନାମ



ଅର୍ଜନ କରିଥିଲେ। ୨୦୦୬ରେ ସେ ସରକାରୀ ଚାକିରିରୁ ଅବସର ନେଇ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ସମାଜରେ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର, ନାଗରିକ ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେଉଥିଲେ। ଏହି ସ୍ମୃତିସଭାରେ ଭି.ଆପନା ପଟ୍ଟନାୟକ, ରାମାରାଓ ପଟ୍ଟନାୟକ, ସୀମାଞ୍ଚଳ ପାଣିଗ୍ରାହୀ, ରତ୍ନାକର ଦାସ, ପ୍ରକାଶ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଦୁର୍ଯ୍ୟୋଧନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗ୍ରାମ ସଭାପତିଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ବୁଗୁଡ଼ା,୨୩।୨(ଡି.ଏନ.ଏ.)-ବୁଗୁଡ଼ା ଥାନା ଉଦୟପୁର ଗ୍ରାମରେ ଗ୍ରାମ୍ୟ ସଭାପତିଙ୍କୁ ମାରପିଟ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଉଦୟପୁର ଗ୍ରାମର ୨ ଭାଇ ଟିଟୁ ନାୟକ ଓ ସଞ୍ଜୟ ନାୟକ। ସଭାପତିଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ. ୪୦/୨୦ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ଉଦୟପୁର ଶୈବ ମନ୍ଦିରରେ ଜାଗର ଯାତ୍ରା ଲାଗି ଉକ୍ତ ଗ୍ରାମର ଟିଟୁ ନାୟକ ଭକ୍ତମାନେ ନେଇ ଯାଇଥିବା ବାଇକ୍ ଓ ସାଇକେଲ ରଖିବା ଲାଗି ଲୋକଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଉକ୍ତ ଆଦାୟ ଅର୍ଥର ହିସାବ ଗ୍ରାମ ସଭାପତି ମାଗିବା ସହ ଟଙ୍କା ଦେବାକୁ ସେ ଟିଟୁଙ୍କୁ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଏହି ବିଷୟକୁ ନେଇ ଟିଟୁ ଓ ତାଙ୍କ ଭାଇ ସଞ୍ଜୟ ଶନିବାର ସକାଳେ ଗ୍ରାମ ସଭାପତିଙ୍କୁ ଆକ୍ରମଣ କରିଥିଲେ।

# କେନାଲ ଜଳ ଅପଚୟ ନେଇ ଚାଷୀଙ୍କ ଉଦ୍‌ବେଗ



ନଷ୍ଟ ହେଉଥିବା କେନାଲ ପାଣି ।

କୋରୁକୋଣ୍ଡା ୨୩।୨ (ଡି.ଏନ.ଏ)

ଖରିଫ ଚାଷ ପରେ ଆସିଥାଏ ରବିଚାଷ। ରବିଚାଷ ପାଇଁ ମାଲକାନଗିରି ଜିଲାର ବିଭିନ୍ନ ନଦୀ ବନ୍ଧ, ଜଳପ୍ରକଳ୍ପଗୁଡ଼ିକରୁ ନିଷ୍କାସିତ ଜଳକୁ କେନାଲ ମାଧ୍ୟମରେ ଚାଷ ଜମିକୁ ଛଡ଼ାଯାଇଥାଏ। ଏହି କେନାଲ ମାଧ୍ୟମରେ ଜଳ ଯୋଗାଣ ଲାଗି କେନାଲ ମରାମତି ଓ ରକ୍ଷଣାବେକ୍ଷଣ ଅର୍ଥ ଖର୍ଚ୍ଚ ହେଉଛି। ମୁଖ୍ୟତଃ ଜଳସେଚନ ପ୍ରକଳ୍ପଗୁଡ଼ିକ ଉପରେ ନିର୍ଭର କରି ଚାଷୀମାନେ ବାଦାମ, ପନିପରିବା, ତରଭୁଜ, ମକା ଓ ଡାଲି ଆଦି ଫସଲ କରିଥାନ୍ତି। ଏହାକୁ ନେଇ ସେମାନେ ଜୀବିକା ନିର୍ବାହ କରିଥାନ୍ତି। ଜମିରେ ଜଳସେଚନ ପାଇଁ କେନାଲ ଉପରେ ନିର୍ଭର କରୁଥିବା ଚାଷୀ ମଧ୍ୟ ଜଳକର ଦେଇଥାନ୍ତି । ତେବେ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ କେନାଲଗୁଡ଼ିକ କେତେକ ସ୍ଥାନରେ ଭାଙ୍ଗି ଜଳ ଅପଚୟ ହେଉଛି। ଅନ୍ୟ କେତେକ ସ୍ଥାନରେ କେନାଲ ପାଣିକୁ ଇଟା ଭାଟିରେ ଇଟା ପ୍ରସ୍ତୁତି ଲାଗି ବ୍ୟବହାର କରାଯାଉଛି। କେନାଲରେ ମୋଟର ଲଗାଇ ଇଟାଭାଟିରେ ଜଳ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଗତ କିଛିଦିନ ଧରି କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଦାରୁମଗୁଡ଼ାଠାରୁ ବନ୍ଧଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା ତଳଦେଇ ଯାଇଥିବା କେନାଲ ଫାଟି ପାଣି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ ଥିବା ପଥର ଖଣି ଏହାର କାରଣ ବୋଲି କୁହାଯାଉଛି। ପଥର ଖଣିକୁ ଯାତାୟାତ କରୁଥିବା ଭାରିଯାନ ଏହି କେନାଲ ଉପର ଦେଇ ଯାତାୟାତ କରୁଥିବାରୁ ଏହା ପ୍ରଭାବ କେନାଲ ଉପରେ ପଡ଼ି ଏପରି ହୋଇଥିବା ଚାଷୀମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ଏହି ଭଙ୍ଗାରୁଜା କେନାଲ ଗୁଡ଼ିକୁ ଚିହ୍ନଟ କରି ମରାମତି କରିବା ସହ ଇଟାଭାଟିକୁ ହେଉଥିବା ଜଳ ଯୋଗାଣ ବନ୍ଦ କରିବାକୁ ଚାଷୀ ଦାବି କରିଛନ୍ତି।

# ଯୁବ ସଚେତନତା କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା, ୨୩।୨(ଡି.ଏନ.ଏ.)

ନେହେରୁ ଯୁବ କେନ୍ଦ୍ର ମାଲକାନଗିରି ଶାଖା ପକ୍ଷରୁ କୁଡୁମୁଲୁଗୁମ୍ମା ନିକଟସ୍ଥ ସିନ୍ଧିଗୁଡ଼ା ସତ୍ୟମେବ ଜୟତେ ସଭାଗୃହରେ ଏକ ଯୁବ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ହରିଶ ରୁପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ସରପଞ୍ଚ ଭାଗୀରଥି ମୁଦୁଲି ଯୋଗଦେଇ ଯୁବ ଗୋଷ୍ଠୀ ସମାଜ ସେବାରେ ନିଜକୁ ସାମିଲ କରି ବର୍ଷକୁ ଶହେ ଘଣ୍ଟା ଶ୍ରମଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଜିଲା ଯୁବ ରେଡକ୍ରସ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ସମସ୍ତେ ପାଣିର



ସଦୁପଯୋଗ ସହ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରୂପେ ଷ୍ଟେଟବ୍ୟାଙ୍କର ରାଜଶେଖର ପଟ୍ଟନାୟକ କିଶୋର କୁମାର ପାଟିକା, ନବ ପୂଜାରୀ, ସମିତିସଭ୍ୟ ସରୋଜ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଅଢ଼େଇ ବର୍ଷର ଶିଶୁଙ୍କୁ ଚେଙ୍କ ଚିକିତ୍ସା



ଚେଙ୍କ ଦିଆଯାଇଥିବା ଶିଶୁ ।

■ ଆଦିବାସୀ ଅନ୍ଧବିଶ୍ୱାସର କରୁଣ ପରିଣତି

■ ଗୁରୁତର ଅବସ୍ଥାରେ କାଳିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

କାଳିମେଲା, ୨୩।୨ (ଡି.ଏନ୍.ଏ)

ସରକାର ଲୋକଙ୍କୁ ସଚେତନ କରିବାକୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ଲୋକେ ସଚେତନ ହେଉନାହାନ୍ତି। ଏବେ ବି ସେମାନଙ୍କ ମନରେ ଅନ୍ଧବିଶ୍ୱାସ ଘର କରି ରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ମାଲକାନଗିରି ଜିଲା କାଳିମେଲା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡ଼ା ଗାଁରେ ଦେଖିବାକୁ ମିଳିଛି। ଜ୍ୱର ଥଣ୍ଡା ଭଲ କରିବାକୁ ଦେବ ପଡିଆମୀଙ୍କ ଅଢ଼େଇ ବର୍ଷର ଝିଅ ବର୍ଷାଙ୍କୁ ଚେଙ୍କ ଚିକିତ୍ସା କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏବେ ତାଙ୍କୁ କାଳିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

କିଛିଦିନ ହେବ ବର୍ଷା ଥଣ୍ଡା, ଜ୍ୱର ଓ କାଶରେ ଆକ୍ରାନ୍ତ ହୋଇଥିଲେ। କିନ୍ତୁ ପରିବାର ଲୋକେ ଗୁଣିଆ ଦ୍ୱାରା ଘରେ ପାରମ୍ପରିକ ଦେଶୀ ଚିକିତ୍ସା କରାଇଥିଲେ। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇପଡିଥିଲା। ତଥାପି ପରିବାର ଲୋକେ ଶିଶୁଟିକୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ପରିବର୍ତ୍ତେ ଗୁଣିଆ ଦୁଲେ ମାଡକାମୀଙ୍କ ପାଖରେ ଚିକିତ୍ସା କରାଇଥିଲେ। ଗୁଣିଆ ଜଣଙ୍କ ଶିଶୁଙ୍କୁ ଭଲ କରିଦେବେ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଦେଶୀ ଚିକିତ୍ସା ଆରମ୍ଭ କରିଥିଲେ। ଶିଶୁର ପେଟରେ ପ୍ରାୟ ୧୦ରୁ ଅଧିକ ଥର ତତଲା ଚେଙ୍କ ଦେଇଥିଲେ। ଏବେ ବର୍ଷା ଭଲ ହୋଇଯିବେ କହି ତାଙ୍କୁ ଘରକୁ ପଠାଇ ଦେଇଥିଲେ। ସେମାନେ ଘରକୁ ଫେରିଲାବେଳକୁ ବର୍ଷା ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ କାଳିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏବେ ବର୍ଷାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି।

## ରକ୍ତହୀନତାରେ ଶିଶୁ ମୃତ

କାଳିମେଲା, ୨୩।୨(ଡି.ଏନ୍.ଏ)

ମାଲକାନଗିରି ଜିଲା କାଳିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୭ବର୍ଷର ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ କାଳିମେଲା ଥାନା ଅଧୀନ ଉଣ୍ଡୁକୋଣ୍ଡା ଗ୍ରାମର ଦେବା କବାସୀଙ୍କ ପୁଅ ସରୋଜ। ରକ୍ତହୀନତାରେ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।

ସୂଚନା ଅନୁଯାୟୀ, ସରୋଜ କିଛି ଦିନ ହେବ ଜ୍ୱରରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ଦ୍ୱାକଙ୍କୁ ଦେଖାଇ ଥିଲେ। ଜ୍ୱର ହେବା ପରେ ସେମାନେ ଶିଶୁକୁ ଝଡାଫୁଙ୍କା ମଧ୍ୟ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋବାରୁ ପରିବାର ଲୋକେ ସରୋଜଙ୍କୁ କାଳିମେଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସରୋଜଙ୍କୁ ମ୍ୟାଲେରିଆ ହୋଇଥିବା ରକ୍ତ ପରୀକ୍ଷା ରିପୋର୍ଟରେ ବାହାରିଛି ବୋଲି ପରିବାର ଲୋକେ କହିଛନ୍ତି। ଏ ନେଇ କାଳିମେଲା ଡାକ୍ତର ଅବିଦ ହୁସେନ ଖାନଙ୍କୁ ପଚାରିବାରୁ ରକ୍ତହୀନତା ଯୋଗୁ ତାଙ୍କର ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ମ୍ୟାଲେରିଆ କଥା ପଚାରିବାରୁ ସେ କିଛି ସ୍ପଷ୍ଟ କରିନାହାନ୍ତି। ବର୍ତ୍ତମାନ କାଳିମେଲା ଅଞ୍ଚଳରେ ମ୍ୟାଲେରିଆ ଆତଙ୍କ ଦେଖାଦେଇଛି। ଏବେବି ଅନେକ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ଜିଲାକୁ ପୁଣି ମ୍ୟାଲେରିଆ ଫେରିଲା କି ବୋଲି ଚର୍ଚ୍ଚା ହେଉଛି।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ଷଣ୍ଢ ଗୁରୁତର

ପାଟପୁର, ୨୩।୨ –ସାନଖେମୁଣ୍ଡି ବ୍ଲକ କଙ୍କୋରଡା ଗାଁରେ କୌଣସି ଦୁର୍ବୃତ୍ତ ରବିବାର ୩ଟି ଷଣ୍ଢକୁ ହାଣି ଦେଇଥିଲେ। ଫଳରେ ଗୁରୁତର ହୋଇ ଷଣ୍ଢ ଏଣେତେଣେ ଦୌଡୁଥିବା ବେଳେ ଡେରାସାହି ବାସିନ୍ଦା ଏବଂ କିଛି ସ୍ୱେଚ୍ଛାସେବିମାନେ ଷଣ୍ଢମାନଙ୍କୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ଜଣାଇଥିଲେ। ପ୍ରାଣୀ ଡାକ୍ତର ସୁରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ।

# ଦୁର୍ଗମ ଅଞ୍ଚଳର ୨ ସ୍ଥାନରେ ବିଏସ୍‌ଏଫ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

କାଳିମେଲା/ଏମଭି–୭୯, ୨୩।୨(ଡି.ଏନ.ଏ.)





କାଳିମେଲା ବ୍ଲକର ନାଲାଗୁଣ୍ଟି ଓ ଏମ୍ ଭି ୭୯ ଅଞ୍ଚଳର ମାଲାଭରମ ଗ୍ରାମରେ ବିଏସ୍‌ଏଫ ପକ୍ଷରୁ ହୋଇଥିବା ସ୍ୱାସ୍ଥ୍ୟସେବା ଶିବିର ।

ମାଲକାନଗିରି ଜିଲା କାଳିମେଲା ବ୍ଲକର ଦୁର୍ଗମ ଅଞ୍ଚଳ ନାଲାଗୁଣ୍ଟି ଗ୍ରାମରେ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏମଭି–୭୨ଠାରେ ନିୟୋଜିତ ୭୬ ବାଟାଲିୟନ ବିଏସ୍‌ଏଫ ଯବାନଙ୍କ ପକ୍ଷରୁ ଗ୍ରାମ ବିଦ୍ୟାଳୟରେ ଏହି ଶିବିର ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଏସଏଫ କମାଣ୍ଡର ଇନ୍ସପେକ୍ଟର ସଂଜୟ କୁମାର ଯୋଗଦେଇଥିଲେ। ବିଏସଏଫର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ, ବୃଦ୍ଧାବୃଦ୍ଧ ଏବଂ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଏସ୍‌ଏଫ୍ ଡାକ୍ତର ଲକ୍ଷ୍ମଣ ସିଂ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ମାଲକାନଗିରି ଜିଲା କାଳିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ମାଲାଭରମ ଗ୍ରାମରେ ବିଏସଏଫ ପକ୍ଷରୁ ଏକ ଜନସମ୍ପର୍କ ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି।

କାଳିମେଲା ବ୍ଲକର ମାଲାଭରମ ଗ୍ରାମରେ ବିଏସଏଫ ପକ୍ଷରୁ ଏକ ଜନସମ୍ପର୍କ ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏମଭି–୮୮ସ୍ଥିତ ବିଏସ୍‌ଏଫ୍‌ର ୭୬ ବାଟାଲିୟନ ପକ୍ଷରୁ ମାଲାଭରମ ଗ୍ରାମର ଆଶ୍ରମ ବିଦ୍ୟାଳୟଠାରେ ଏହି ଶିବିର ହୋଇଥିଲା। ଲୋକଙ୍କ ମାଗଣା ସ୍ୱାସ୍ଥ୍ୟପରୀକ୍ଷା କରି ଔଷଧ ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଲାଭରମ ସରପଞ୍ଚ କିତି ୱିକା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସଏଫର କମାଣ୍ଡାଣ୍ଟ ସତ୍ୟବାନ ଗୌର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ, ଉଦ୍ଧବ ଚରଣ ଜେନା ଏବଂ ଇଣ୍ଟିଲିଜେନ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ଗାମୁଛା, ଶାଢି, ରୋଷେଇ ଉପକରଣ, ଚାଦର ଓ ପିଲାଙ୍କୁ ଖାତା, କଲମ, ପେନସିଲ ସହ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଯୁବକଙ୍କୁ ଭଲିବଲ, ଫୁଟବଲ ଓ ନେଟ୍ ଆଦି ପ୍ରଦାନ କରାଯାଇଥିଲା। ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ ଏପରି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଥିଲା।

# ମନେ ପଡ଼ନ୍ତି

## ଏକାଦଶାହ ସ୍ମୃତିରେ



ସ୍ୱର୍ଗତା ନିରୁପମା ନାୟକ (ଝୁନା)

ଜୟ ଜଗନ୍ନାଥ ହୋଟେଲ୍, ସାରଦା ଦେବୀ ରୋଡ଼, ପୁରୀ

ଆବିର୍ଭାବ: ୦୫।୧୦।୧୯୭୮

ତିରୋଧାନ: ୧୪।୦୨।୨୦୨୦

ଏ ଧରାପୃଷ୍ଠରୁ ତୁମର ଅଚାନକ ପ୍ରସ୍ଥାନରେ ଆମ୍ଭେ ଅତ୍ୟନ୍ତ ମର୍ମାହତ। ତୁମ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ସବୁଦିନ ପାଇଁ ଅପୂରଣୀୟ ହୋଇ ରହିଗଲା। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ସ୍ୱାମୀ: ଗୋବର୍ଦ୍ଧନ ନାୟକ, ପୁଅ: ଭାଗ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ, ବନ୍ଧୁ ଓ ପରିବାରବର୍ଗ ।

ଧ–୬୮୧୯

## ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର

ଆବିର୍ଭାବ: ୧୧।୦୩।୧୯୮୨

ତିରୋଧାନ: ୨୪।୦୨।୨୦୧୩

ତୁ ଜିବାର ସାତବର୍ଷ ହେଲାଣି, ତୋର ସେହି ଅପାସୋରା ସ୍ମୃତି ଆମର ସନ୍ତକ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ବାପା, ନାନୀ, ଭାଇନା, ଭଣଜା (ବାବା), ପରିବାରବର୍ଗ ।

ଧ–୧୬୮୭୨

## ତୃତୀୟ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇନ୍ଦ୍ରମଣି ଜେନା

ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର

ଆବିର୍ଭାବ: ୧୨।୦୪।୧୯୩୩

ତିରୋଧାନ: ୨୭।୦୨।୨୦୧୭

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶ୍ରଦ୍ଧାଞ୍ଜଳି ସହ:-

ଆପଣଙ୍କର ପୁଅ,ବୋହୂ, ଝିଅ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ–୬୮୬୨

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ



✓ ଅର୍ଜୁନ ମହାନ୍ତି

ଆବିର୍ଭାବ-୨୦.୧୧.୧୯୩୪

ତିରୋଧାନ-୧୩.୦୨.୨୦୨୦

ଦୁର୍ଗାବଜାର, ଢେଙ୍କାନାଳ

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ । ଚାହୁଁ ଚାହୁଁ ୧୨ଦିନ ବିତିଗଲା । ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିଳାସ, ସ୍ମାରକ, ନାତି-ଦେବ, ପିନ୍ଟୁ, ଗୁଲୁ, ବବ୍‌ଲୁ, ମିଲା, ମୁନୁ, ଲିଲନ୍, ସୋମ୍, ଗୁଗୁଲା, ଗୁଗୁ, ନାତୁଣୀ-ପୁଷ୍ପି, ପୂଜା, ଲିଜା, ମୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଚିକି, ମିକି, ପିକୁ, କିଟିଙ୍କ ସମେତ ଭାଇ ବୈତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ।

ଧ–୬୬୮୫୪

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫେସର ତ୍ରିଲୋଚନ ମିଶ୍ର

ପୂର୍ବତନ କୁଳପତି

ମିଶ୍ର ପରିବାର, ୩୧୬–ଏ, ସହିଦନଗର

ଆବିର୍ଭାବ: ୨୩।୧୧।୧୯୨୪

ତିରୋଧାନ: ୦୯।୦୩।୨୦୧୬

ଜୀବନର ପଥ ଅତିକ୍ରମ କଲ
ନିର୍ଭୀକ ସୈନିକ ପରି
ଅନାବିଳ ସ୍ନେହ ବିତରଣ କଲ
ବିଶାଳ ହୃଦୟେ ଭରି
ସଦା ଲଭୁଥାଉ ତୁମରି ଆଶିଷ
ଜୀବନ ପଥରେ ଆମ
ଅମର ଆତ୍ମାର ସଦ୍‌ଗତି ହେଉ
ମୁକତି ପଥର ଧାମ

ଧ–୧୬୮୬୧

# ଭାଜପା ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

କାଳିମେଲା, ୨୩।୨ (ଡି.ଏନ.ଏ.)



ବସିଥିବା ବୈଠକ ।

ମାଲକାନଗିରି ଜିଲା କାଳିମେଲା ଭାଜପାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ରବିବାର କାଳିମେଲା ହାଟପଡାସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାଳିମେଲା ମଣ୍ଡଳ ସଭାପତି ଅବଧୁତ ପ୍ରସାଦ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ଜିଲା ଉପସଭାପତି ସପନ କୁମାର ରାୟ, ଜିଲା ସମ୍ପାଦକ ରତ୍ନାକର ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଜିଲା ପୂର୍ବତନ ଉପସଭାପତି ସୁଧୀର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କାଳିମେଲା ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏନେଇ ୭ଟି ମୋର୍ଚ୍ଚା ଗଠନ କରାଯାଇଥିଲା। ୬ ଜଣ ଉପସଭାପତି, ୬ ଜଣ ସମ୍ପାଦକ, ୨ ଜଣ ସାଧାରଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ ମ୍ରିନାଲ ତାଲୁକଦାର, ସୁବାସ ଦାସ, ସୁବ୍ରତ ସରଦାର, ସରସ୍ୱତୀ କିର୍ତ୍ତନୀୟା, ସୁନୀତି ବିଶ୍ୱାସ ଏବଂ ନବ କୁମାର ଦାସ ରହିଛନ୍ତି। ସମ୍ପାଦକ ଭାବେ ମମତା ମଣ୍ଡଳ, ରମ୍ଭା ମଡାକମି, ସୁଶାନ୍ତ ସରକାର, ତୁଷାର ମଣ୍ଡଳ ହରିଚାନ୍ଦ ସରଦାର, ମଧୁସୂଦନ ସରକାର ମନୋନୀତ ହୋଇଛନ୍ତି । ସାଧାରଣ ସମ୍ପାଦକ ଭାବେ ବିଶିକେଶନ ଦାସ, ଦିଲୀପ ବାକଚି ଏବଂ କୋଷାଧକ୍ଷ ଭାବେ ଦେବା ମାଡକାମି ଚୟନ ହୋଇଛନ୍ତି । ଯୁବମୋର୍ଚ୍ଚା ଦାୟିତ୍ୱରେ ବିପୁଲ ମଣ୍ଡଳ, କୃଷକ ମୋର୍ଚ୍ଚା ମାଣିକଲାଲ ବିଶ୍ୱାସ,ଏସସି ମୋର୍ଚ୍ଚାର ପ୍ରଦୀପ କୁମାର ବରାଲ,ଏସଟି ମୋର୍ଚ୍ଚାର ରାମଚନ୍ଦ୍ର ମାଡି, ଓବିସି ମୋର୍ଚ୍ଚାର ନରହରି ପ୍ରଧାନ ଓ ମହିଳା ମୋର୍ଚ୍ଚାରେ ମଞ୍ଜୁ ମଣ୍ଡଳଙ୍କୁ ଚୟନ କରାଯାଇଛି। ସୁଧୀର କୁମାର ସ୍ୱାଇଁ,ବଜା ମାଡକାମି,ରାଜୁ ଖିଲ,ନୀଳକଣ୍ଠ ମଣ୍ଡଳ, ଇ.ପ୍ରସାଦ ରାଓ ଏବଂ ଅମଲ ମଣ୍ଡଳଙ୍କୁ ଜିଲାସ୍ତରୀୟ କମିଟିରେ ଚୟନ କରିବା ପାଇଁ ମଣ୍ଡଳ ସ୍ତରରୁ ଏମାନଙ୍କର ନାମ ସୁପାରିସ କରାଯାଇଛି। ତେବେ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ନୂଆ କର୍ମକର୍ତ୍ତାଙ୍କୁ କୁହାଯାଇଛି। ଆସନ୍ତା ୨୮ ରେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ସାହା ଭୁବନେଶ୍ୱରରେ ହେବାକୁ ଥିବା ସିଏଏ ସମର୍ଥନ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ କାଳିମେଲା ମଣ୍ଡଳ ସ୍ତରରୁ କର୍ମକର୍ତ୍ତାମାନେ ଯୋଗଦେବା ଲାଗି ଆଲୋଚନା ହୋଇଥିଲା। ବିଧାୟକ ପ୍ରତିନିଧି ଭବାନୀ ମୁଖାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'କେନ୍ଦ୍ର-ରାଜ୍ୟ ସମନ୍ୱୟ ଅଭାବ ହିଁ ରେଳ ବିକାଶରେ ବାଧକ'

ଜୟପୁର,୨୩।୨(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ଯ ସରକାରଙ୍କ ସମନ୍ୱୟ ଅଭାବ ଯୋଗୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ରେଳପଥ ନିର୍ମାଣରେ ବାଧା ଉପୁଜୁଛି। ଜୟପୁରରେ ପ୍ରେସକ୍ଲବ ପକ୍ଷରୁ ଆୟୋଜିତ 'ରେଳ ମାନଚିତ୍ରରେ ଅବିଭକ୍ତ କୋରାପୁଟ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏହି ମତ ରଖିଛନ୍ତି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ସଭାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ରେଳ ବିଭାଗକୁ ହସ୍ତାନ୍ତର କରିବା ଦାୟିତ୍ୱ କଥା। ସେହିପରି କେନ୍ଦ୍ର ସରକାର ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେବା ପାଇଁ ସେ ଦାବି କରିଥିଲେ। କେବଳ ଭିତିଭୂମି ନୁହେଁ, ଭୁବନେଶ୍ୱର ଓ ବାହାର ରାଜ୍ୟର ବଡ଼ ସହରକୁ ଏହି ଜିଲା ଦେଇ ଅଧିକ ଟ୍ରେନ ଚଳାଚଳ ପାଇଁ ସେ ଦାବି କରିଛନ୍ତି। କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ ଯୋଗଦେଇ କହିଛନ୍ତି, ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ୫୦-୫୦ ଭାଗୀଦାରୀରେ କାମ କରିବାକୁ ଚୁକ୍ତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଜମି ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଅବସରପ୍ରାପ୍ତ ଶିକ୍ଷକ ମାଧବ ଚୌଧୁରୀ ଏଥିରେ ଭାଗ ନେଇଥିଲେ। ପ୍ରେସ କ୍ଲବର ବିନୋଦ ପଣ୍ଡା, ରାଜେନ୍ଦ୍ର ଗୌଡ଼ ଓ ଟି. ଗୌରୀଶଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏମ୍‌ପି ଉଲାକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଆଲୋଚନାଚକ୍ରରେ ଏମପି ସପ୍ତଗିରି ଉଲ୍ଲାକାଙ୍କ ସହ ଅନ୍ୟମାନେ ।

**ଆଲୋଚନାଚକ୍ର**

## ଭାଜପା ନେତାଙ୍କୁ ନିମନ୍ତ୍ରଣ ନାହିଁ, କର୍ମୀଙ୍କ ପ୍ରତିବାଦ

ଆୟୋଜିତ ଆଲୋଚନାଚକ୍ରରେ ଅବିଭକ୍ତ କୋରାପୁଟ ଜିଲାର କୌଣସି ଭାଜପା ନେତା କି ବିଧାୟକଙ୍କୁ ଅତିଥି ଭାବେ ଡକାଯାଇ ନ ଥିବାରୁ ଭାଜପାର ସ୍ଥାନୀୟ ଯୁବକର୍ମୀ ଏହାର ପ୍ରତିବାଦ ଜଣାଇଛନ୍ତି। ଆଲୋଚନାଚକ୍ର ଆରମ୍ଭ ହେବାର କିଛି ସମୟ ପରେ ଭାଜପାର ୧୦ରୁ ଅଧିକ କର୍ମୀ ମଞ୍ଚରେ ଚଢ଼ି ମାଇକ ଯୋଗେ କହିଥିଲେ ଯେ ପ୍ରେସ କ୍ଲବ ପାତରଅନ୍ତର କରୁଛି। ଅବିଭକ୍ତ କୋରାପୁଟରେ ୩ ଜଣ ପୂର୍ବତନ ଏମ୍‌ପି, ବର୍ତ୍ତମାନ ୨ଜଣ ବିଧାୟକ ଏବଂ ଆହୁରି ଅନେକ ବରିଷ୍ଠ ନେତା ଥାଉ ଥାଉ ସେମାନଙ୍କୁ ଆଲୋଚନାଚକ୍ରକୁ ଡକା ନ ଯିବା ସେମାନଙ୍କ ପ୍ରତି ଉପେକ୍ଷା ବୋଲି କର୍ମୀମାନେ କହିଥିଲେ। ଜିଲା ବିଜେଡି ଛାତ୍ର ସଭାପତି ଶିବରାଜ କନ୍ଧପାନ ମଞ୍ଚକୁ ଯାଇ କିଛି କହିବାକୁ ଚାହିଁଥିଲେ ମଧ୍ୟ ରାଜନୈତିକ ଆକ୍ଷେପକୁ ପ୍ରଶ୍ରୟ ନ ଦେବା ପାଇଁ ତାଙ୍କୁ ଆୟୋଜକ ବାରଣ କରିଥିଲେ। ଆଲୋଚନାଚକ୍ରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

## ଏମ୍‌ପିଙ୍କ ସହ ଆଇନଜୀବୀ ସଂଘ ଆଲୋଚନା

ଜୟପୁର,୨୩।୨(ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଏମ୍‌ପି ସପ୍ତଗିରି ଉଲାକାଙ୍କ ଜୟପୁର ଗସ୍ତ ସମୟରେ ସ୍ଥାନୀୟ ଏକ ହୋଟେଲରେ ତାଙ୍କୁ ଭେଟିଛନ୍ତି। ହାଇକୋର୍ଟର ସ୍ଥାୟୀ ବେଞ୍ଚ ଓ ଅନ୍ୟ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା କରାଯାଇଛି। ସଂଘ ସଂପାଦକ ରବୀନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନା ବେଳେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ଅବିଭକ୍ତ କୋରାପୁଟରେ ଏହାର ଆବଶ୍ୟକତା, ଜଷ୍ଟିସ ପାଲ କମିଟିର ରିପୋର୍ଟ ନେଇ ଆଲୋଚନା ହୋଇଥିଲା। ସେ ଏନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସହ କଥାବାର୍ତ୍ତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲା କୋର୍ଟକୁ ଆସୁଥିବା ମହକିଲଙ୍କ ପାଇଁ ବିଶ୍ରାମଗାର ନିର୍ମାଣ କରିବାକୁ ଏମ୍‌ପି ଅନୁଦାନ ପାଣ୍ଠିରୁ ସହାୟତା ଦେବାକୁ ଅନୁରୋଧ କରାଯାଇଥିଲା।

**ସଂକ୍ଷେପରେ**

## ଜାତୀୟ ସଂହତି ଶିବିରରେ ଜୟପୁର ଛାତ୍ରୀ



**ଜୟପୁର,୨୩।୨(ନି.ପ୍ର.):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ସହଯୋଗ ତଥା ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ କଟକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଅନୁଷ୍ଠିତ ହୋଇଛି। ଫେବୃଆରୀ ୧୬ରୁ ୨୨ ତାରିଖ ଯାଏ ସପ୍ତଦିବସୀୟ ଏହି ଶିବିରରେ ସାରା ଦେଶରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ୨ ଜଣ ଛାତ୍ରୀ ମାମି ବେହେରା ଓ ୟୁ. ପାବନୀ ଲକ୍ଷ୍ମୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ମନୋରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧକ୍ଷା ମନୋରମା ଦେବୀଙ୍କ ପରାମର୍ଶକ୍ରମେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶିବିରାର୍ଥୀ ଭାବେ ଯୋଗଦେଇ ସେମାନଙ୍କର କଳା ନିପୁଣତା ପ୍ରଦର୍ଶନ କରିଥିଲେ। ଉଭୟ ଛାତ୍ରୀଙ୍କ ସମ୍ବଲପୁରୀ ଓ କୋରାପୁଟିଆ ଲୋକନୃତ୍ୟ ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା।

## ମାଗଣା କର୍କଟ ସ୍ୱାସ୍ଥ୍ୟ ଶିବିର



**ଜୟପୁର,୨୩।୨(ନି.ପ୍ର.):** ରୋଟାରୀ କ୍ଲବ ଜୟପୁର ପକ୍ଷରୁ ଏଚ୍.ସି.ଜି. କ୍ୟାନସର ସେଣ୍ଟର ବିଶାଖାପାଟଣା ଆନୁକୂଲ୍ୟରେ ଏକ ମାଗଣା କର୍କଟ ରୋଗୀ ସେବା ଶିବିର ଅନୁଷ୍ଠିତ ହୋଇଛି। ରୋଟାରୀ ଭବନ ହାଟପଡାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ୬୮ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୯ ଜଣ ରୋଗୀଙ୍କ କର୍କଟ ହୋଇଥିବା ଚିହ୍ନଟ ହୋଇଥିଲା। ସମସ୍ତ ରୋଗୀ ଗରିବ ଶ୍ରେଣୀର ହୋଇଥିବା ବେଳେ ହସପିଟାଲ କର୍ତ୍ତୃପକ୍ଷ ମାଗଣା ଚିକିତ୍ସା କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ଶିବିରରେ ରୋଟାରୀ ସଭାପତି ଜି. ଭେଙ୍କଟ ରାଓ, ଭି.ଜି.ଭି. ସିହ୍ନା, ଆର.ପି. ଜୈନ, ଅମର ବୁଧିଆ଼ର, ପୂର୍ଣ୍ଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଡାକ୍ତର ପ୍ରଦୀପ ଭାସ୍କର, ଏ.କେ.ଏସ୍. ମହମ୍ମଦ, ହରିଶ ଦୋରା ରୋଗୀଙ୍କ ପରୀକ୍ଷା କରିଥିବା ବେଳେ ଅଶୋକ ପଟ୍ଟନାୟକ, ବସନ୍ତ ଆଚାରୀ ଏଥିରେ ଉପସ୍ଥିତ ଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ୨ ବାଇକ ଆରୋହୀ ଆହତ

**ପଟ୍ଟାଙ୍ଗି,୨୩।୨(ଡି.ଏନ୍.ଏ.)**

ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ନିକଟରେ ଏକ ଆମ୍ବୁଲାନ୍ସ ଧକ୍କାରେ ଦୁଇ ମୋଟର ସାଇକେଲ ଆରୋହୀ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଥାନା ଏସ୍‌ଆଇ ଗୋଲକ ପଟ୍ଟନାୟକଙ୍କ କହିବା ଅନୁଯାୟୀ, ବ୍ରହ୍ମପୁରରୁ କୋରାପୁଟ ଫେରୁଥିଲା ୧୦୮ ଆମ୍ବୁଲାନ୍ସ (ଓଡି୦୨ ଜେ ୫୦୬୮)। ସେହି ସମୟରେ ପରଜାଖୁଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ପୁରିଆ ମଙ୍ଗଲୁ ଓ ପୁରିଆ କୃଷ୍ଣ ଦୁହେଁ ପୁକାଲି ପଞ୍ଚାୟତରେ ସମ୍ପର୍କୀୟଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସାରି ବାଇକ (ଓଡି୧୦ ଡି ୪୨୧୬)ରେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଉପରୋକ୍ତ ପଞ୍ଚାୟତ ତଥା ୨୬ ନଂ ଜାତୀୟ ରାଜପଥ ଉପରେ ଥିବା ଏକ ହମ୍ପ ଅତିକ୍ରମ କରିବା ବେଳେ ଆମ୍ବୁଲାନ୍ସ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ମଙ୍ଗଲୁ ଓ କୃଷ୍ଣ ଦୁହେଁ ଆମ୍ବୁଲାନ୍ସର କାଚରେ ଧକ୍କା ଖାଇ ସେମାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପୋଲିସ ଆମ୍ବୁଲାନ୍ସକୁ ଥାନାରେ ଅଟକ ରଖି ଦୁର୍ଘଟଣାର ତଦନ୍ତ କରୁଛି।

# କୋରାପୁଟ ଦେଇ ଗଡୁ ନୂତନ ଟ୍ରେନ୍

ଜୟପୁର, ୨୩।୨
(ନି.ପ୍ର./ ଡି.ଏନ୍.ଏ.)

**ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ତାରା**



ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ଜୟପୁର ବିଧାୟକ ।

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ନୂଆଦିଲ୍ଲୀରେ ରେଳମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। କୋରାପୁଟ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଜୟପୁରରୁ ରାଜଧାନୀ ଭୁବନେଶ୍ୱରକୁ ୩୫ଟି ଘରୋଇ ବସ୍ ଓ ୧୦ଟି ସରକାରୀ ବସ୍ ପ୍ରତିଦିନ ଫୁଲ୍ କାପାସିଟିରେ ଯିବା ଆସିବା କରୁଛି। ବର୍ତ୍ତମାନ ହୀରାଖଣ୍ଡ ଏକ୍ସପ୍ରେସ୍ ଜଗଦଲପୁରରୁ ଭୁବନେଶ୍ୱର ଗଲେ ମଧ୍ୟ ଅଧିକ ଟ୍ରେନ୍‌ର ଆବଶ୍ୟକତା ରହିଛି। ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ବଇଲାଡିଲା ଲୁହାପଥର ଖଣିରୁ ଅଧିକ ରାଜସ୍ୱ ଆଦାୟ କରାଯାଉଛି। ଏହି ଅଞ୍ଚଳଟି ଭୌଗୋଳିକ ଯାତାୟତ ସୁବିଧାରୁ ବଞ୍ଚିତ ଥିବା ଯୋଗୁ ରାସ୍ତା ଯୋଗେ ଯିବା ଅଧିକ ସମୟ ଲାଗୁଛି। ତେଣୁ ରେଳପଥ ହିଁ ଉପଯୁକ୍ତ ମାଧ୍ୟମ ଦୈନନ୍ଦିନ ଅସୁବିଧାକୁ ଦୃଷ୍ଟିରେ ରଖି ବିଧାୟକ ବାହିନୀପତି ଅତିରିକ୍ତ ଟ୍ରେନ ଦିନ ବେଳେ ଜଗଦଲପୁରରୁ ଭୁବନେଶ୍ୱର ଭାୟା ରାୟଗଡ଼ା-ବିଜୟନଗରମ ଦେଇ ଚଳାଇବାକୁ ଦାବି କରିଛନ୍ତି। ଏହି ଟ୍ରେନ୍ ଚାଲିଲେ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶର ଯାତ୍ରୀମାନେ ଉପକୃତ ହେବେ। ଅନ୍ୟ ଏକ ନୂତନ ଦ୍ରୁତଗାମୀ ଟ୍ରେନ୍ ଚାଲିଲେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ବାସିନ୍ଦା ଉପକୃତ ହେବେ ବୋଲି ବିଧାୟକ ବାହିନୀପତି କହିଛନ୍ତି। ଦାବିପତ୍ର ଦେବା ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ବଢୁଛି ମୋବାଇଲ ଚୋରଙ୍କ ଦୌରାତ୍ମ୍ୟ

ସେମିଳିଗୁଡ଼ା (ସ୍ୱ.ପ୍ର.)/ ସୁନାବେଡ଼ା, ୨୩।୨

ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳର ହାଟ ଓ ବଜାରରେ ମୋବାଇଲ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଞ୍ଚଳରେ ଥିବା ହାଟ ଓ ବଜାରରେ ସାଧାରଣ ଲୋକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣୁଥିବା ବେଳେ ସେମାନଙ୍କ କାର୍ଯ୍ୟବ୍ୟସ୍ତତାର ଫାଇଦା ଉଠାଇ ଚୋର ଓ ପକେଟମାର ଚତୁରତାର ସହ ଚୋରି କରୁଛନ୍ତି। ସେମାନେ ଛୋଟ ଛୋଟ ଗ୍ରୁପ୍‌ରେ ରହି ଲୋକଙ୍କ ଉପରେ ନଜର ରଖି ଚୋରିକୁ ଶେଷ ସ୍ୱର୍ଶ ଦେଉଛନ୍ତି। ବହୁ ସମୟରେ ଲୋକମାନେ ମୋବାଇଲ ଚୋରିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଘଟଣା ବହୁବାର ଘଟୁଥିଲେ ମଧ୍ୟ ପୋଲିସ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। କିଛି ମାସ ତଳେ ସୁନାବେଡ଼ା ହାଲ ପରିସର ଜଗନ୍ନାଥ ମାର୍କେଟରେ କେତେକ ଲୋକ ମୋବାଇଲ ଚୋରିର ଶିକାର ହୋଇଥିଲେ ମଧ୍ୟ ପରେ ଚୋରକୁ ଧରି ପୋଲିସ ଜିମା ଦେଇଥିଲେ। ସେହିଭଳି ରବିବାର ସେମିଳିଗୁଡ଼ା ସାପ୍ତାହିକ ହାଟରେ ଜଣେ ସାଧାରଣ ବ୍ୟକ୍ତିଙ୍କ ମୋବାଇଲ ଚୋରି ହୋଇଛି। ଏଭଳି ଜନଗହଳି ପୂର୍ଣ୍ଣ ହାଟ ଓ ବଜାରରେ ବାରମ୍ବାର ଚୋରଙ୍କ ପ୍ରାଦୁର୍ଭାବ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ପୋଲିସ ନିଷ୍କ୍ରିୟ ରହିଥିବା ବେଳେ ରବିବାର ସେମିଳିଗୁଡ଼ା ସାପ୍ତାହିକ ହାଟରେ ମୋବଇଲ ଚୋରକୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ। ତେଣୁ ହାଟ ଓ ଦୈନିକ ବଜାର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି। ଏନେଇ ସୁନାବେଡ଼ା ଥାନା ଅଧିକାରୀଙ୍କ ମତାମତ ନେବାରୁ ସେ ଏହି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ
ନିତି ମଲୁକୁ ଚାହାନ୍ତି ନାହିଁ ।
ନିତି କୁଣିଆଁକୁ ସେରନ୍ତା ନାହିଁ
ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ
ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଏମ୍‌ପିଙ୍କୁ ଦାବିପତ୍ର ଦେଲା ବିଲ୍ଟ କାଗଜକଳ ମିଳିତ କ୍ରିୟାନୁଷ୍ଠାନ କମିଟି

ଜୟପୁର,୨୩।୨(ଡି.ଏନ୍.ଏ.)

ଜୟପୁର ନିକଟସ୍ଥ ଗାଗନାପୁରଠାରେ ଥିବା ବିଲ୍ଟ କାଗଜକଳର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଜୟପୁରଠାରେ ରବିବାର ଏକ ଦାବିପତ୍ର ଦେଇଛନ୍ତି। କାଗଜକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ଦିଆଯାଇଛି। ଏନେଇ ପାର୍ଲାମେଣ୍ଟ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କୁ ଅନୁରୋଧ କରାଯାଇଛି। ଗତ ୪୦ ବର୍ଷ ଏହି କାରାଖାନା ପ୍ରତିଷ୍ଠା ହୋଇଛି। କିନ୍ତୁ ଗତ ଏପ୍ରିଲ ୨୦ରୁ ଉତ୍ପାଦନ ବନ୍ଦ ରହିଥିବା ବେଳେ ୧୦ ମାସ ହେଲାଣି କର୍ମଚାରୀଙ୍କୁ ଦରମା ଦିଆଯାଇ ନାହିଁ। ଫଳରେ ସ୍ଥାୟୀ କର୍ମଚାରୀମାନେ ଆର୍ଥିକ ସଙ୍କଟ ଯୋଗୁ ହନ୍ତସନ୍ତ ହେବା ସହ ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଏହି କାରଖାନା ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ୧୦ ହଜାରରୁ ଅଧିକ ପରିବାରଙ୍କ ଜୀବନ ଜୀବିକା ସଙ୍କଟରେ ପଡ଼ିଛି। ତେଣୁ ଏହି କାରାଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ଏଥିରେ ୪ଟି ସଂଘକୁ ନେଇ ଗଠିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିରାଟ ହିନ୍ଦୁସ୍ତାନ ସଙ୍ଗମର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ସନ୍ଦୀପ ସାଇ

ଜୟପୁର,୨୩।୨(ନି.ପ୍ର.)



ସନ୍ଦୀପ ସାଇ ପାଣିଗ୍ରାହୀ ।

ଜୟପୁରର ଆଇନଜୀବୀ ସନ୍ଦିପ ସାଇ ପାଣିଗ୍ରାହୀ ବିରାଟ ହିନ୍ଦୁସ୍ତାନ ସଙ୍ଗମର ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଡ. ସୁବ୍ରମଣ୍ୟମ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏହି ନିଯୁକ୍ତି ଦିଆଯାଇଛି। ସ୍ୱାମୀ ଓଡ଼ିଶା ଗସ୍ତ ସମୟରେ ଏହି ନିଯୁକ୍ତି ଦେଇଛନ୍ତି। ସେ ନାଲ୍‌କୋ ଭବନରେ ପବ୍ଲିକ ସେକ୍ଟର ୟୁନିଟର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସ୍ୱାମୀ ସେଣ୍ଟର ଅଫ ୟୁଥ୍ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟ ଜୟଦେବ ବିହାରସ୍ଥିତ ମହାନଦୀ କନଫରେନ୍ସ ହଲ୍‌ଠାରେ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ଦିପ ସାଇ ପାଣିଗ୍ରାହୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ସ୍ୱାମୀ ବିରାଟ ହିନ୍ଦୁସ୍ତାନ ସଙ୍ଗମର ପ୍ରତିଷ୍ଠାତା ଓ ଅର୍ନ୍ତଜାତୀୟ ସଭାପତି ଅଟନ୍ତି। ସନ୍ଦିପ ସାଇ ପାଣିଗ୍ରାହୀ ଏହି ପଦବୀରେ ନିଯୁକ୍ତ ହେବା ପରେ କହିଛନ୍ତି, ଜନସାଧାରଣଙ୍କ ପାଇଁ ଆଇନ ଶିକ୍ଷା ବହୁ ଆବଶ୍ୟକ। ସେଥିପାଇଁ ସେ ବିଭିନ୍ନ ସ୍କୁଲ, କଲେଜ ଓ ଗ୍ରାମାଞ୍ଚଳରେ ଏହାର ଆବଶ୍ୟକତା ନେଇ ସଚେତନ କରିବେ। ସନ୍ଦିପ ସାଇ ପୂର୍ବରୁ ସଙ୍ଗମର ଉପସଭାପତି ଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଜୟପୁର,୨୩।୨(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସତସଙ୍ଗ ବିହାରରେ ଅନୁକୂଳଙ୍କ ୧୩୨ତମ ଜନ୍ମ ମହୋତ୍ସବ ଓ ପୂଜ୍ୟପାଦ ଦାଦାଙ୍କ ସତସଙ୍ଗ ବିହାରକୁ ୨୫ତମ ଆଗମନୀ ସ୍ମୃତି ଦିବସ ପାଳିତ ହୋଇଛି। ଏହି ଅବସରରେ ଉଷା କୀର୍ତ୍ତନ, ବିନତି ପ୍ରାର୍ଥନା, ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଠାକୁରଙ୍କ ଶ୍ରୀବିଗ୍ରହ ସହ ନଗର ପରିକ୍ରମା କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କୁ ଗୁରୁ ରୂପେ ଗ୍ରହଣ କରିବାର ଆବଶ୍ୟକତା ଉପରେ ସତ୍‌ସଙ୍ଗ କରାଯାଇଥିଲା। ପ୍ରସାଦ ସେବନ ସତ୍‌ଦୀକ୍ଷା କାର୍ଯ୍ୟକ୍ରମ, ମାତୃ ସମ୍ମେଳନ, ସାନ୍ଧ୍ୟ ବିନତୀ ପ୍ରାର୍ଥନା ହୋଇଥିଲା। କାର୍ଯ୍ୟକ୍ରମରେ ଏମପି ସପ୍ତଗିରି ଉଲ୍ଲାକା ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ । ସତସଙ୍ଗ ବିହାରର ସଭାପତି ବିନୋଦ ମହାପାତ୍ର, ଉତ୍ସବ କମିଟି ସଭାପତି ଉପେନ୍ଦ୍ରନାଥ ମିଶ୍ର, ସମ୍ପାଦକ କପିଳ ଚରଣ ମହାକୁଳ, ଶିଶିର ପରିଜା, କେଦାରନାଥ ସାମନ୍ତରା, ସୌମ୍ୟ ସାହୁ ସହଯୋଗ କରିଥିଲେ।



ଠାକୁରଙ୍କ ନଗର ପରିକ୍ରମାବେଳେ ନାମ ସଂକୀର୍ତ୍ତନ ।

# ପରିବେଶ ସୁରକ୍ଷା ପାଇଁ ଗଡ଼ିଲା ସାଇକେଲ



ପରିବେଶ ସୁରକ୍ଷା ପାଇଁ ଜୟପୁର ସହରରେ ବାହାରିଥିବା ସାଇକେଲ ଶୋଭାଯାତ୍ରା ।

ଜୟପୁର,୨୩।୨(ନି.ପ୍ର.)

ପ୍ରଦୂଷଣରୁ ରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ଗଡ଼ିଛିସାଇକେଲ ଶୋଭାଯାତ୍ରା। ରଜାନହରରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ହେଲାଣି। ଅନେକ ଦେଶରେ ଏବେ ମାରାତ୍ମକ ରୋଗର ଭୟାବହତା ଦେଖାଦେଇଛି। ଏହାର ମୁଖ୍ୟ କାରଣ ଅସ୍ୱଚ୍ଛତା ଓ ବାୟୁ ପ୍ରଦୂଷଣ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ଦୁଇଚକିଆ ଓ ଚାରିଚକିଆ ଯାନର ବ୍ୟାପକ ବ୍ୟବହାର ବନ୍ଦ କରି ଏହାଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣଜନିତ ମାରାତ୍ମକ ରୋଗ ପରିସ୍ଥିତିରୁ ନିଜକୁ ରକ୍ଷା କରିବ। ଏହାସହ ପ୍ରତ୍ୟେକ ମାସର ୪ଟି ରବିବାରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଜୟପୁର ସହରର ମୁଖ୍ୟରାସ୍ତାରେ ସକାଳ ୭ରୁ ଅପରାହ୍ନ ୩ଟା ଯାଏ ସାଇକେଲ କିମ୍ବା ପାଦରେ ଯାତାୟତ କରିବା। ଏଥିପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଥିଲା। ଏଥିପାଇଁ ପ୍ରଥମଥର ରଜାନହରରୁ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ପାତ୍ର, ଚନ୍ଦ୍ରମଣି ବାରିକ, ସଚ୍ଚିଦାନନ୍ଦ ଦାସ, ତୁଳସୀ ବେହେରା, ମଞ୍ଜୁରାଣୀ ମହାପାତ୍ର, ସିଦ୍ଧେଶ୍ୱରୀ ପାତ୍ର, ବାବୁଭାଇ ବଜରଙ୍ଗି, ସିଦ୍ଧାର୍ଥ ପାତ୍ର, ତ୍ରିପତି ଖାଡଙ୍ଗା, ନିର୍ଭୀକ ସାମନ୍ତରାୟ ସାଇକେଲ ଚଳାଇ ଲୋକଙ୍କୁ ସଚେତନ କରିଥିଲେ।



ଅନ୍ତର୍ନିହିତ ଦେବତ୍ୱ ବିକାଶର
ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ






ରାମନାଗୁଡାଠାରେ ରାସ୍ତରୋକୋ କରାଯାଇଛ।




ମୁନିଗୁଡ଼ାରେ ଆୟୋଜିତ ପ୍ରତିବାଦ ସଭା।




ଟିକିରିରେ ରାସ୍ତାରୋକୋ କରାଯାଇଛି।

# ଆରକ୍ଷଣ ବିରୋଧୀ ରାୟକୁ ନେଇ ରାୟଗଡ଼ା ବନ୍ଦ

**ରାୟଗଡ଼ା ଅଫିସ/ଗୁଣପୁର/ମୁନିଗୁଡ଼ା/କାଶୀପୁର, ୨୩।୨(ଡି.ଏନ୍.ଏ.)**

## ଖୋଲିଲାନି ଦୋକାନ, ଗଡ଼ିଲାନି ଗାଡ଼ି




ରାମନାଗୁଡ଼ାରେ ବନ୍ଦ ପାଳନ ଯୋଗୁ ଟ୍ରକଗୁଡିକ ରାସ୍ତାରେ ଅଟକି ରହିଛି ।

ଅନୁସୂଚିତ ଜାତି, ଜନଜାତି,ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂରକ୍ଷଣ ବିରୋଧରେ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ରବିବାର ଏସଟି ଏସସି ମାଇନୋରିଟି ପକ୍ଷରୁ ସମଗ୍ର ଭାରତ ବନ୍ଦ ଡ଼ାକରା ଦିଆଯାଇଥିଲା । ଏହି ପରୀପ୍ରେକ୍ଷୀରେ ରାୟଗଡ଼ା ଜିଲାରେ ଏସ୍‌ଟି,ଏସ୍‌ସି, ଓବିସି ସମାଜ ପକ୍ଷରୁ ବନ୍ଦ ପାଳନକୁ ସଫଳ କରାଯାଇଛି । ରାୟଗଡ଼ାରେ ସମସ୍ତ ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କପିଳାସ ରୋଡ଼, ମଝିଘରିଆଣୀ ଛକ, କୋରାପୁଟ ଛକ, ସହରର ପ୍ରମୁଖ ଛକରେ ବ୍ୟାନର ଏବଂ ପ୍ଲାକାଡ଼ ଧରି ଲୋକେ ବିରୋଧ କରିଥିଲେ। କପିଳାସ ରୋଡ଼ ରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଶାହା ନବାଜ ହୁସେନ ଏବଂ ମୁକ୍ତାର ଆବାସ ନାକବିଙ୍କର କୁଶ ପୁତ୍ତଳିକା ଦାହ କରାଯାଇଥିଲା। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଆଦିବାସୀ ମହାସଂଘ ନେତା ଆପଲ ସ୍ୱାମୀ କାଡ୍ରାକା, ଏପିଆଇ ସଭାପତି ସନ୍ତୋଷ କୁମାର ବିଡ଼ିକା , ସୁନି ମୁସଲିମ ଆସୋସିଏଶନ ସଭାପତି ଶେଖ ଜାଲିଲ, ଉପ ସଭାପତି ଏମ.ଡ଼ି ଜାହାଙ୍ଗୀର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ୍ଦ ପାଳନର ପ୍ରଭାବ ରାମନାଗୁଡାରେ ଦେଖିବାକୁ ମିଳିଥିଲା । ଦୋକାନ ବଜାର ବନ୍ଦ ରହିବାସହ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା । ଫଳରେ ଲୋକେ ବହୁ ଅସୁବିଧା ଭୋଗିଥିଲେ । ଦୀର୍ଘ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ରାମନାଗୁଡା ବ୍ଲକ ଅନୁସୁଚିତ ଜାତି ସଭାପତି କୃପାସିନ୍ଧୁ ମହାପାତ୍ରଙ୍କ ସମେତ ଗୋଗୁପାଡୁ ସରପଞ୍ଚ ବିଜୟ ମାଣ୍ଡାଙ୍ଗୀ, ରମେଶ ଶବର, ସଂଖ୍ୟାଲଘୁ ସଭାପତି ଶେଖ ସଲିମ, ମାଧବ ମୁଦୁଲୀ, ସୋମନାଥ ପୁରୁଷୋତ୍ତମ, ମୁକୁନ୍ଦ ପାଣି, ରାମଚନ୍ଦ୍ର ମାଣ୍ଡାଙ୍ଗୀ, ସରୋଜ କୁମାର ଗମାଙ୍ଗ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଅନ୍ୟପକ୍ଷରେ ଗୁଣପୁରଠାରେ ବନ୍ଦ ପ୍ରଭାବ ସେତେଟା ଦେଖିବାକୁ ମିଳି ନ ଥିଲା। ପୁରୁଣା ବସଷ୍ଟାଣ୍ଡ ଏବଂ ପୁରୁଣା ଗୁଣପୁର ଅଞ୍ଚଳରେ ପ୍ରତିବାଦ ସଭା କରାଯାଇଥିଲା। ଦୋକାନ ବଜାର ଖୋଲା ରହିଥିବାବେଳେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ଏଥିରେ ସିପିଆଇଏମଏଲ ସମ୍ପାଦକ ତ୍ରିପତି ଗମାଙ୍ଗ,ଚକ୍ରପାଣି ଶବର, ବଳରାମ ଶବର, ପୀତାମ୍ବର ଶବର, ଯୁଧିଷ୍ଠିର ବେଉରିଆ , ହରିବନ୍ଧୁ ଶବର, ଗାଡେ ଶବର, ଅରକ୍ଷିତ ଶବର ପ୍ରମୁଖଙ୍କ ନେତୃତ୍ୱ ନେଇଥିଲେ । ମୁନିଗୁଡ଼ାରେ ଦୋକାନ ବଜାର, ପେଟ୍ରୋଲ ପମ୍ପ ସହ ଗାଡି ଚଳାଚଳ ବନ୍ଦ ରହିଥିଲା। ସହରର ନୂଆ ବସଷ୍ଟାଣ୍ଡ ଛକ, ମୁନିଖୋଲ ଓ ଗୋବର୍ଦ୍ଧନ ଛକରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଏହି ବନ୍ଦ ପାଳନ ବେଳେ ଅନଙ୍ଗ ନାଗଙ୍କ ନେତୃତ୍ୱରେ, ନକୁଳ ନାୟକ, ଅନିରୁଦ୍ଧ ଲୁହା, ଉପେନ୍ଦ୍ର ଭୋଇ, କରୁଣାକର ପଲକିଆ, ସୁବଳ ନାଗ, ଟଙ୍କଧର କୁସୁଲିଆ, ନୀଳାମ୍ବର ବିଭାର, କାଦିର ଖାନ, ଶ୍ରୀରାମ କାଟି , ରାମ ବାଗ, ନାରାୟଣ ନାଗ , ଆରଦ କରକରିଆ, ରଞ୍ଜନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ମୁନିଗୁଡା ମୁସଲିମ ସଙ୍ଘ ସଦସ୍ୟମାନେ ମଧ୍ୟ ଏହି ବନ୍ଦ ପାଳନକୁ ସମର୍ଥନ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୁନିଗୁଡା ଥାନା ଏସ୍‌ଆଇ ଶ୍ୱେତପଦ୍ମା ସେଠଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

କାଶୀପୁରରେ ମଧ୍ୟ ବନ୍ଦ ପ୍ରଭାବ ଦେଖାଦେଇଥିଲା। ଗାଡ଼ି ଚଳାଚଳ ,ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ଟାୟାର ଜାଳି, ପଥର ପକାଇ ଅବରୋଧ କରିଥିଲେ। ଫଳରେ ଗାଡି ମୋଟର ଯାତାୟାତ କରି ପାରି ନ ଥିଲା। ଗଜେନ୍ଦ୍ର ନାୟକ, ପାଉଲ ମାଝି, କାର୍ତ୍ତିକ ନାୟକ, ଦେବରାଜ ନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବଡ଼ମାରିଭଟାଠାରେ ଅନିରୁଦ୍ଧ, ଅନୀଲ, ଧନଞ୍ଜୟ, ବାସୁଦେବ, ଗୋରଖପୁରରେ ଦୀପକ ଝୋଡିଆ, ସୀତାରାମ ଝୋଡିଆ, ଲକ୍ଷ୍ମଣ ଟିନାରା, ମୋହନ ମାଝି ବନ୍ଦ ନେତୃତ୍ୱ ନେଇଥିଲେ। ଟିକିରି ବିଲାମାଳଠାରେ ସୁବାସ ନାୟକ, ଗଜେନ୍ଦ୍ର ନାୟକ, ବିନୋଦ ନାୟକ, ପଞ୍ଚାନନ ସାହୁ, ଜୟନ୍ତି ଟାକ୍ରି, ରୁବି ନାୟକ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଗୁଣପୁର,୨୩।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜ ଓଡିଆ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରାଣୀ ବିଭାଗ ମୁଖ୍ୟ ରାମଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟ ବିଭାଗ ମୁଖ୍ୟ ଜଗନ୍ନାଥ ଦୀପ, ଅଧ୍ୟାପକ ଗୋକୁଳାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀ ଦିପ୍ତିମୟୀ ଚୌଧୁରୀ ଶାରଳା ମହାଭାରତର ସାଂସ୍କୃତିକ ଚିତ୍ର, ପ୍ରମିଳ ମାଝି ଆଧୁନିକ ଓଡିଆ ସାହିତ୍ୟର ପୃଷ୍ଠଭୂମି ଓ ଓଡିଆ ଭାଷାର ସ୍ୱାଭିମାନ ପ୍ରତିଷ୍ଠା, ଲିପସା ରାଣୀ ବେହେରା ଗୋପବନ୍ଧୁଙ୍କ ସୃଷ୍ଟିରେ ଜାତୀୟତାବୋଧ, ସୋମନାଥ ଗମାଙ୍ଗ ଓଡିଆ ଲୋକଗୀତରେ କାନ୍ଦଣା ଗୀତର ଭୂମିକା ଏକ ଦୃଷ୍ଟିପାତ ଓ ଶ୍ରୀଧର ମହାପାତ୍ର ଓଡିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ ବିଷୟକୁ ନେଇ ନିଜ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଗୁଣପୁର,୨୩।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବଂଶଧାରା ବ୍ରିଜ ଉପରେ ରବିବାର ସଂଧ୍ୟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୁଜାରିଗୁଡା ଗ୍ରାମର ସନ୍ତୋଷ ଶବର ଏବଂ କେନ୍ଦୁଝରର ପିଣ୍ଟୁ ମହନ୍ତ । ସେମାନଙ୍କୁ ଉଦ୍ଧାର କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେଭର୍ତ୍ତି କରାଯାଇଛି । ସନ୍ତୋଷ ଦ୍ରୁତ ଗତିରେ ବାଇକ୍ ଚଳାଇ ଗୁଣପୁର ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିଣ୍ଟୁଙ୍କ ବାଇକକୁ ଧକ୍କା ହୋଇଥିଲା । ଫଳରେ ଦୁଇ ଜଣ ଦୁର୍ଘଟଣାର ଶିକାର ହୋଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଚଳାଇଛି ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଲାଗିଛି ନିମ୍ନମାନର ଡଷ୍ଟବିନ୍ ଷ୍ଟାଣ୍ଡ

**କାଶୀନଗର,୨୩।୨(ଡି.ଏନ୍.ଏ.)**

## କାଶୀନଗର ଏନ୍‌ଏସି

ଗଜପତି ଜିଲା କାଶୀନଗର ଏନ୍‌ଏସିରେ ସଫେଇ କାର୍ଯ୍ୟ ବନ୍ଦ ରହିଥିବା ଯୋଗୁ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଦେଖିବାକୁ ମିଳୁଛି। ଏଥିପାଇଁ ଅଞ୍ଚଳରେ ଘୁଷୁରିଙ୍କ ଉପଦ୍ରବ ପୁଣି ବଢ଼ିଛି। ତେବେ ଲୋକେ ଅଳିଆ ଆବର୍ଜନା ବାହାରେ ନ ଫୋପାଡ଼ି ଡଷ୍ଟବିନ୍‌ରେ ପକାଇବା ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଡଷ୍ଟବିନ୍ ସ୍ଥାପନ ପାଇଁ ଷ୍ଟାଣ୍ଡ ପୋତାଯାଉଥିବାବେଳେ ଏଥିରେ ଡଷ୍ଟବିନ୍‌ଗୁଡ଼ିକ ଝୁଲି ରହିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଉଛି। ହେଲେ ଏହି ଷ୍ଟାଣ୍ଡଗୁଡ଼ିକ ଅତି ହାଲୁକା ହୋଇଥିବାବେଳେ ଏଗୁଡ଼ିକ ଅଳିଆ ଡଷ୍ଟବିନ୍‌ର ଓଜନ ସମ୍ଭାଳିବା ପାଇଁ ଅନୁପଯୁକ୍ତ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ପ୍ରାୟ ୩ ଇଞ୍ଚ ଖୋଳି ଏହି ଷ୍ଟାଣ୍ଡ ପୋତି ନିମ୍ନମାନର କାମ କରାଯାଉଥିବା ସେମାନେ କହିଛନ୍ତି। ଏ ବିଷୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା କହିଛନ୍ତି, ଯଦି ଲୋକେ ଅଭିଯୋଗ କରୁଛନ୍ତି ତେବେ କାମ ଠିକ୍‌ଭାବେ ହେଉଛି କି ନାହିଁ ଦିନେ ଦୁଇଦିନ ମଧ୍ୟରେ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ୧୧ନମ୍ବର ୱାର୍ଡ ଷ୍ଟେଟ୍‌ବ୍ୟାଙ୍କ୍ ଛକ ସାହିରେ ପୂର୍ବରୁ ଡଷ୍ଟବିନ୍ ନ ଥିବାବେଳେ ଏବେ ମଧ୍ୟ ନାହିଁ। ଫଳରେ ଲୋକେ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ ଏ ନେଇ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଡଷ୍ଟବିନ୍ କାହିଁକି ମିଳିବନି ବୋଲି ପଚାରିଲେ କମ୍ପ୍ୟୁଟର୍ ପ୍ରୋଗ୍ରାମର୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରି କହିବି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହୁଛନ୍ତି। ତେବେ ସ୍ୱଚ୍ଛତା ତଥା ବିକାଶମୂଳକ କାର୍ଯ୍ୟରେ କମ୍ପ୍ୟୁଟର ପ୍ରୋଗ୍ରାମର୍‌ଙ୍କ ସମ୍ପର୍କ କ'ଣ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍‌ଏସି ଏବେ ସିଧାସଳଖ ପ୍ରଶାସନ ଅଧୀନରେ ରହିଥିବାବେଳେ ଏଭଳି କାର୍ଯ୍ୟ ନେଇ ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି।



ଏନ୍‌ଏସି ପକ୍ଷରୁ ପୋତାଯାଇଥିବା ଡଷ୍ଟବିନ୍ ଷ୍ଟାଣ୍ଡ।

# ଆମ ପୋଲିସ ବୈଠକ




ବୈଠକରେ ମଞ୍ଚାସୀନ ପୋଲିସ ଅଧିକାରୀ, ବିଡିଓ ଓ ଅନ୍ୟମାନେ।

**କାଶୀନଗର,୨୩।୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ଥାନା ପରିସରରେ ରବିବାର ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଏସ୍‌ଆଇ ଟି. ରାଙ୍ଗାବାବୁ, ଏସ୍‌ଆଇ ରତି ରଞ୍ଜନ ନାୟକ, ଲିଜା ନାୟକ, କାଶୀନଗର ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ ମିଶ୍ର ଯୋଗଦେଇଥିବାବେଳେ ବହୁ ଅଞ୍ଚଳବାସୀ ଆଲୋଚନାରେ ଭାଗନେଇଥିଲେ। କେର୍ଡ ଡ୍ୟାନ୍ସ ନାମରେ ନଗ୍ନ ନୃତ୍ୟ ଓ ଗୁଡୁଗୁଡୁପାଲି ନାମରେ ବିଭିନ୍ନ ଗ୍ରାମରେ ଚାଲୁଥିବା ଜୁଆଖେଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ ଅଞ୍ଚଳରେ ଘୁଷୁରି ଉପଦ୍ରବକୁ ରୋକିବା ପାଇଁ ଘୁଷୁରି ପାଳକମାନଙ୍କୁ ଡକାଯାଇ ସହରରେ ବୁଲୁଥିବା ଘୁଷୁରିଙ୍କୁ ୧୫ ଦିନ ମଧ୍ୟରେ ବାହାରେ ଛାଡ଼ିବାକୁ କୁହାଯାଇଥିଲା। ଏ ନେଇ ଘୁଷୁରି ପାଳକ ଅଣ୍ଡରଟେକିଂ ମଧ୍ୟ ଲେଖିଥିବା ଜଣାପଡ଼ିଛି। ସେହିପରି ଟ୍ରାଫିକ୍ ନିୟମ ମାନିବା, ଠିକ୍ ସ୍ଥାନରେ ପାର୍କିଂ କରିବା, ୧୮ ବର୍ଷରୁ କମ୍ ପିଲା ଗାଡ଼ି ନ ଚଳାଇବା, ଯାତ୍ରୀବାହି ଗାଡ଼ିରେ ଜିନିଷ ପରିବହନ ନ କରିବା ପାଇଁ ଏଠାରେ ସଚେତନ କରାଯାଇଥିଲା। ଅନ୍ୟପକ୍ଷରେ କାଶୀନଗର ଅଞ୍ଚଳକୁ ଘୁଷୁରିମୁକ୍ତ କରିବା ପାଇଁ ବିଡିଓ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ପଣ୍ଡା ଜନସାଧାରଣ ଓ ପୋଲିସର ସହଯୋଗ ଲୋଡ଼ିଥିଲେ।

# ବିଷୟ ଆଧାରିତ ସଚେତନତା, ଶିକ୍ଷା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)**

ସହର ଉପକଣ୍ଠ ପଦ୍ମପୁରସ୍ଥିତ ବିନୋଦିନୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର(ଏନ୍‌ୱାଇକେ)ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୁଲ୍ୟରେ ରବିବାର ଏକ ବିଷୟ ଆଧାରିତ ସଚେତନତା ଓ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏନ୍‌ୱାଇକେ ଗଜପତି ଶାଖାର ଯୁବ ଅଧିକାରୀ ବିଜୟ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବିଷୟ ନେଇ ସଚେତନ କରାଇଥିଲେ। ବିଶେଷକରି ଛାତ୍ର ତଥା ଯୁବକମାନେ ଯେପରି ଭୁଲ ରାସ୍ତାରେ ନ ଯାଇ ଶିକ୍ଷାର ଉନ୍ନତି ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ, ସେ ନେଇ ଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିବାବେଳେ ଜି. ମୂରଲୀକ୍ରିଷ୍ଣା, ଶ୍ରୀକାନ୍ତ ଚୌଧୁରୀ, ବିନୋଦ ଚନ୍ଦ୍ର ରଥ, ସୀତାରାମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଡି. ତେଜେଶ୍ୱର ରାଓ, ଝୁମୁରୀ ଭୂୟାଁ ଏଥିରେ ସହଯୋଗ କରିଥିଲେ।

# ଅନ୍ଧବିଶ୍ୱାସ ଦୂର ପାଇଁ 'ମୁହୂର୍ତ୍ତ' କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)**

ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ 'ମୁହୂର୍ତ୍ତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁପ୍ରେମୀ ଦିଲୀପ କୁମାର ବଳୀ ଯୋଗଦେଇ ସମୟ କେବେ ଶୁଭ-ଅଶୁଭ କିମ୍ବା ଭଲ-ଖରାପ ହୋଇ ନ ଥାଏ, ଭଲକାମ ପ୍ରତ୍ରେକ ସମୟରେ ଶୁଭ ଏବଂ ଖରାପ୍ କର୍ମ ସବୁବେଳେ ଅଶୁଭ ବୋଲି କହିଥିଲେ। କେନ୍ଦ୍ରର ଶିଶୁମାନଙ୍କୁ ଗଣିତ ଶିକ୍ଷା ଦିଆଯାଇଥିଲା। ପରେ ସାପ୍ତାହିକ ଆଲୋଚନାରେ ବିଶ୍ୱ ମାତୃଭାଷା ଦିବସ ଓ ମହାଶିବରାତ୍ରି ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି କଟକ ଜିଲାର ବାଆଁରାଠାରେ କୃପାଳୁ ଏକକ ବିଶ୍ୱବିଦ୍ୟାଳୟ ପାଇଁ ବିଧାନ ସଭାରେ ପାରିତ ହୋଇଥିବା ଯୋଗୁ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଖୁସି ପ୍ରକଟ କରିଥିଲେ। ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିବ ବୋଲି କୁହାଯାଇଛି।

# ଭାଜପାର ମଣ୍ଡଳସ୍ତରୀୟ ବୈଠକ

**ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଏସ୍. କରଡାସିଂ ପଞ୍ଚାୟତର ଅନ୍ଧାରିଗୁମ୍ମାଠାରେ ରାୟଗଡ଼ ଓ ଜିରାଙ୍ଗ ମଣ୍ଡଳସ୍ତରୀୟ ବୈଠକ ତଥା ସଙ୍ଗଠନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ମଣ୍ଡଳର କର୍ମୀଙ୍କୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହ ବୁଥ୍‌ସ୍ତରୀୟ କମିଟି ଗଠନ କରାଯାଇଛି। ବୈଠକରେ ଉଭୟ ମଣ୍ଡଳର ନବନିର୍ବାଚିତ ସଭାପତି ଜଗନ୍ନାଥ ଖାଡ଼ଙ୍ଗାଲୁ ଓ ଗଙ୍ଗାଧର ଗୌଡ଼ ସଭାପତିତ୍ୱ କରିଥିବାବେଳେ ପର୍ଯ୍ୟବେକ୍ଷକ ପ୍ରଦୀପ ହରିଚନ୍ଦନ, ଆର୍. ଉଦୟଗିରି ବ୍ଲକ୍ ପର୍ଯ୍ୟବେକ୍ଷକ ବାଳକୃଷ୍ଣ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ପ୍ରଶାନ୍ତ ମଲ୍ଲିକ, ଜିଲାପରିଷଦ ସଭ୍ୟ ଜଗନ୍ନାଥ ଭୂୟାଁ, ଗଣେଶ ବିଶୋୟୀ, ରାଜ୍ୟ ମହିଳା ମୋର୍ଚ୍ଚା ସଭ୍ୟା ନନ୍ଦିନୀ ସାମଲ, ପ୍ରଦୀପ ଦଳାଇ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ମଣ୍ଡଳସ୍ତରୀୟ ନେତା ଓ କର୍ମୀମାନେ।

# ବର୍ଷେ ପରେ ବି ନିର୍ମାଣ ହୋଇପାରୁନି ରାସ୍ତା

**ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)**

## ତିତ୍‌ଲିରେ ଧୋଇଯାଇଥିଲା

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ କଇଁପୁର-ତୁମ୍ବ ରାସ୍ତାଟି ତିତ୍‌ଲି ପର ବନ୍ୟାରେ ଧୋଇ ହୋଇଯାଇଛି। ହେଲେ ତିତ୍‌ଲିକୁ ଇତିମଧ୍ୟରେ ୧ବର୍ଷ ୪ମାସ ବିତିଯାଇଥିଲେ ମଧ୍ୟ ନୂତନ ରାସ୍ତା କିମ୍ବା ମରାମତି ହୋଇପାରିନାହିଁ। ତିତ୍‌ଲିରେ ଗଜପତି ଜିଲାର ରାୟଗଡ଼ ବ୍ଲକ୍ ବିଶେଷ ପ୍ରଭାବିତ ହୋଇଥିବାବେଳେ କଇଁପୁର ଠାରୁ ତୁମ୍ବ ପର୍ଯ୍ୟନ୍ତ ୩ କିମି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଯଦ୍ୱାରା ଏହି ରାସ୍ତାରେ ଯାତାୟାତ ବିପଦପୂର୍ଣ୍ଣ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ତିତ୍‌ଲି ପରେ ଜିଲାରେ ନଷ୍ଟ ହୋଇଥିବା କେତେକ ରାସ୍ତା ନିର୍ମାଣ ଓ ମରାମତି କରାଯାଇଥିଲା। ହେଲେ ଏହି ରାସ୍ତା ପ୍ରତି ଦୃଷ୍ଟି ପଡ଼ିନାହିଁ। ଏହି ରାସ୍ତା ଉପରେ କେରାଣ୍ଡି, ଓୟା, ତୁମ୍ବ ଆଦି ବିଭିନ୍ନ ପଞ୍ଚାୟତବାସୀ ନିର୍ଭରଶୀଳ। ଜିଲା ସଦର ପାରଳାଖେମୁଣ୍ଡିକୁ ଯିବା ପାଇଁ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଯେପରି ରହିଛି, ଏହି ରାସ୍ତାରେ ଯାନବାହନ ଯାତାୟାତରେ ଅସୁବିଧା ହେଉଥିବା ସେମାନେ କହିଛନ୍ତି। ତେଣୁ ଏଠାରେ ନୂତନ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଦାବି କରିଛନ୍ତି।



କଇଁପୁର-ତୁମ୍ବ ରାସ୍ତାର ଦୃଶ୍ୟ।

## ସଂକ୍ଷେପରେ

### ଅର୍ଥନୀତି ବିଭାଗ ଆଲୋଚନାଚକ୍ର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୩।୨:** ଉଚ୍ଚଶିକ୍ଷା ବିଭାଗ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ୨ ଦିନିଆ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଶ୍ୱବ୍ୟାଙ୍କ ମସ୍କୋ ଶାଖା ମୁଖ୍ୟ ଅର୍ଥନୀତିଜ୍ଞ ପ୍ରଫେସର କୁମରବର ଦାସ ଯୋଗ ଦେଇଥିଲେ। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରଫେସର ଜଗନ୍ନାଥ ଲେଙ୍କା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଢାକାସ୍ଥିତ ଡାଫୋଡିଲ ବିଶ୍ୱବିଦ୍ୟାଳୟ ପ୍ରଫେସର ଓମାର ଫାରୁକ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ.ଜେ.ଚକ୍ରପାଣି ପ୍ରମୁଖ ଯୋଗ ଦେଇଥିଲେ । ଦୁଇଦିନ ଧରି ଆୟୋଜିକ ଆଲୋଚନାଚକ୍ରରେ ଗୋଟିଏ ନିର୍ଯାସ ବାହାରିଥିଲା ଯେ, ବିନା ପରିବେଶରେ ଅର୍ଥନୀତିର ଅଗ୍ରଗତି ଅସମ୍ଭବ। ଏହା ଆମ ପରିବେଶକୁ ଯେଉଁ ଭଳି ଦିନକୁ ଦିନ ଦୂଷିତ କରିବାକୁ ଲାଗିଛି ତାହା ଭବିଷ୍ୟତ ପିଢ଼ିପାଇଁ ଶୁଭଙ୍କର ନୁହେଁ। ପରିବେଶକୁ କିପରି ସୁରକ୍ଷା ଦିଆଯାଇ ପାରିବ ଓ ତା ସହିତ ଭାଗୀଦାରି ମଧ୍ୟମରେ ଅର୍ଥନୀତିର କିପରି ବିକାଶ ହୋଇପାରିବ ସେ ଉପରେ ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଥିଲେ ।

### ସେବା ନିବୃତ୍ତ କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୨୩।୨:** ଗଞ୍ଜାମ ଜିଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପୂର୍ବତନ ସଭାପତି ନରସିଂହ ପ୍ରଧାନଙ୍କ ଦ୍ୱାଦଶାହ ଦିବସରେ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଶିଳ୍ପାଞ୍ଚଳର ଏକ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ଜିଲା ସଭାପତି ରଜନୀକାନ୍ତ ମଣ୍ଡଳ ଅଧକ୍ଷତା କରିଥିବା ବେଳେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ପ୍ରଦୀପ ସାହୁ, ରାଜେନ୍ଦ୍ର ପଣ୍ଡା, ଚତୁର୍ଭୁଜ ଜେନା ଓ ଧୋବା ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଜିଓ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତି ଜଗନ ମୋହନ ସାହୁ, ବରିଷ୍ଠ କର୍ମଚାରୀ ନେତା ବୃନ୍ଦାବନ ସାବତଙ୍କ ସମେତ ସମୀର ଆଚାର୍ଯ୍ୟ, ପ୍ରସନ୍ନ ତ୍ରିପାଠୀ, ରାଧାକୃଷ୍ଣ ପାଢ଼ୀ, ପ୍ରଦୀପ ଦାସ ଓ ଅନ୍ୟମାନେ ସ୍ତୁତିଚାରଣ ସହ ଶ୍ରଦ୍ଧାସୁମନ ଜଣାଇଥିଲେ।

### ମୀନାକ୍ଷୀ ମିଶ୍ରଙ୍କ ସ୍ମୃତିଚାରଣ

**ବ୍ରହ୍ମପୁର ଅଫିସ,୨୩।୨:** ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ବିୟୋଗରେ ବ୍ରହ୍ମପୁର ପଣ୍ଡା କଲୋନୀରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ନେତା ଉମାଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ମଳୟ ବିଶୋୟୀ, ଅଭିଷେକଶ୍ୱର ବେହେରା, ସନ୍ତୋଷ ପାଣିଗ୍ରାହୀ, ହେମନ୍ତ କୁମାର ନାହାକ, ଉଲ୍ଲାସ ପାଣିଗ୍ରାହୀ, ସୀମାଞ୍ଚଳ ସେଠୀ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କାଳୁ ମହାରଣା, ସୁଚେତା ମିଶ୍ର, କୁଞ୍ଜଲତା ପାଢ଼ୀ, ରମା ମୁଦୁଲି, କୁନି ପଣ୍ଡା, ଉତ୍କଳାରାଣୀ ପଣ୍ଡା ପ୍ରମୁଖ ମୀନାକ୍ଷୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କଲୋନୀର ଅନେକ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋଲସରା ବ୍ଲକ ଖଇରଚଟା ଗାଁରେ ୪ ଜଣ ପିଲାଙ୍କ ମୃତ୍ୟୁ ପରର ଦୃଶ୍ୟ...




ଗଞ୍ଜାମ ଜିଲା ଖଇରଚଟା ଗାଁରେ ରବିବାର ୪ ଜଣ ପିଲାଙ୍କର ମୃତ୍ୟୁ ହେବା ପରେ ଶୋକାକୁଳ ପରିବେଶରେ ମୃତଦେହ ସଂସ୍କାର କରାଯାଉଛି । ନିକଟରେ ଗ୍ରାମବାସୀ ଉପସ୍ଥିତ ଅଛନ୍ତି ।



ଦୁର୍ଘଟଣାସ୍ଥଳ ।



ଶୋକାକୁଳ ପରିବାର ବର୍ଗ ।




ପୋଲସରା ମେଡିକାଲରେ ବିଧାୟକ ଶ୍ରୀକାନ୍ତ ସାହୁ ଜଣେ ଆହତ ଶିଶୁଙ୍କ ପରିବାରଙ୍କୁ ଭେଟୁଛନ୍ତି।

# ଗଞ୍ଜାମର କଳା, ସଂସ୍କୃତିକୁ ବଜାୟ ରଖିବାକୁ ଆହ୍ୱାନ

### ଓଡ଼ିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୩।୨**

ଓଡ଼ିଶାର ଅନେକ ପ୍ରାଚୀନ କଳା, ସଂସ୍କୃତିରେ ଏକ୍ତିଆରଶାଳ ଗଞ୍ଜାମ ଜିଲା । କଳା, ସଂସ୍କୃତି ପାଇଁ ଏହି ଜିଲା ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେଣୁ ଏହି କଳା, ସଂସ୍କୃତି, ପରମ୍ପରାକୁ ଆହୁରି ଉଜ୍ଜୀବିତ କରିବା ସହ ଏହାକୁ ବଜାୟ ରଖିବା ଦିଗରେ ଜିଲାବାସୀ ଆଗଭର ହୁଅନ୍ତୁ ବୋଲି ଓଡିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଗୃହ, ଶକ୍ତି ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହା କହିଛନ୍ତି । ଖଲ୍ଲିକୋଟ କଲେଜ ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା ଓଡିଶା ସାଂସ୍କୃତିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସାଂସ୍କୃତିକ ଅନୁଷ୍ଠାନ ଅଭିଷେକ ମିଶନ




ଶିଶୁମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରୁଛନ୍ତି ।

ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବିଜେଡି ଗଞ୍ଜାମ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମଞ୍ଚାସୀନ ଥିଲେ । ଅନୁଷ୍ଠାନ ସଭାପତି ପ୍ରକାଶ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟକ ସୁନୀଲ କୁମାର । ଗୋଟିଏ ପରେ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରର ଗୀତ ଗାଇ ସୁନୀଲ ନିଜ ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ଝୁମାଇଥିଲେ ।

# ଅର୍ଥନୀତିକୁ ପ୍ରଭାବିତ କରିବ କେନ୍ଦ୍ର ବଜେଟ

**ବ୍ରହ୍ମପୁର ଅଫିସ,୨୩।୨**

ଭାରତ ବର୍ତ୍ତମାନ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଛି । ଭାରତର ଅର୍ଥନୀତି ୪୫ ବର୍ଷ ପୂର୍ବକୁ ଫେରିଆସିଛି । ବିଗତ ୪୪ରୁ ୪୫ ବର୍ଷ ପୂର୍ବେ ଦେଖା ଦେଇଥିବା ନିଯୁକ୍ତି, ଆର୍ଥିକ ସଙ୍କଟଜନକସ୍ଥିତି ବର୍ତ୍ତମାନ ପୁଣି ଦୃଶ୍ୟମାନ ହୋଇଛି । ଚଳିତ ବର୍ଷର କେନ୍ଦ୍ରୀୟ ବଜେଟରେ ଆଗାମୀ ଦିନରେ ଦେଶର ଅର୍ଥନୀତିର ଅଭିବୃଦ୍ଧି ସହ ସାଧାରଣ ନାଗରିକଙ୍କ ଉପରେ ଗଭୀର ପ୍ରଭାବ ପକାଇବ । ରବିବାର ବ୍ରହ୍ମପୁର ଟ୍ୟାକ୍ସବାର ଆସୋସିଏଶନ, ଇଣ୍ଡିଆନ୍ ଚାଟାର୍ଡ ଆକାଉଣ୍ଟାଣ୍ଟ ଇନଷ୍ଟିଚ୍ୟୁଶନ(ଆଇସିଏଆଇ)ବ୍ରହ୍ମପୁର ଶାଖା, ଗଞ୍ଜାମ ଚାମ୍ବର ଅଫ କମର୍ସ ପକ୍ଷରୁ କେନ୍ଦ୍ରୀୟ ବଜେଟ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ଏହା କହିଛନ୍ତି । ଚଳିତ ବର୍ଷ ଟ୍ୟାକ୍ସ ଉପରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଭାରତର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରିବ । ଫଳସ୍ୱରୂପ ଟେଲିକମ୍, ଯାନବାହନ, ରିୟଲଷ୍ଟେଟ ଭଳି ବହୁ ଆବଶ୍ୟକ କ୍ଷେତ୍ର ମହଙ୍ଗା ହେବ। ଯାହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡିବ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ, ସରକାର ଭିତ୍ତିଭୂମି ବାବଦରେ ୧୦୩ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ବଜେଟରେ ଘୋଷଣା କରିଛନ୍ତି । ତାହାକୁ କେବଳ ଘୋଷଣାରେ ସୀମିତ ନ ରଖି ବ୍ୟୟ ଅଟକଳ ଯୋଜନା ପ୍ରସ୍ତୁତ କରି ଭିତ୍ତିଭୂମି ବିକାଶରେ ଠିକ୍ ବିନିଯୋଗ କରିବା ଆବଶ୍ୟକ। ତେବେଯାଇ ଭାରତର ଅର୍ଥନୀତିର ବିକାଶ ଆଶାତୀତ ହେବ । ନଚେତ ଆଗାମୀ ୩ ମାସରେ ଦେଶ ଆହୁରି ଜଟିଳ ଆର୍ଥିକସ୍ଥିତିର ସମ୍ମୁଖୀନ ହେବ ବୋଲି ବକ୍ତା ସାବତ କହିଥିଲେ। ଧର୍ମନଗରସ୍ଥିତ ଶୁଭମ୍ ସେଲିବ୍ରେଶନ୍ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଟାର୍ଡ ଆକାଉଣ୍ଟାଣ୍ଟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବ୍ରହ୍ମପୁର ଟ୍ୟାକ୍ସବାର ଆସୋସିଏଶନ ସଭାପତି ରଞ୍ଜିତ ପାଢ଼ୀ, ଆଇସିଏଆଇର ଉପାଧକ୍ଷ ଡିଏଲ ନାରାୟଣ, ଟ୍ୟାକ୍ସବାର ଆସୋସିଏଶନ ସମ୍ପାଦକ ତ୍ରିପତି ପାତ୍ର, ଗଞ୍ଜାମ ଚାମ୍ବର ଅଫ କମର୍ସ ସଭାପତି ଇ. ଶିବପ୍ରସାଦ ରାଓ ଓ ସମ୍ପାଦକ ଭି. ସନ୍ତୋଷ ପ୍ରମୁଖ ମଞ୍ଚାସୀନ ଥିଲେ । ଟ୍ୟାକ୍ସବାର ଆସୋସିଏଶନ ସଦସ୍ୟ ବଦ୍ରି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିଏଆଇର ସମ୍ପାଦକ ତାପସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।




ମଞ୍ଚାସୀନ ବ୍ୟକ୍ତିବିଶେଷ ।

# ଅପ୍‌ଗ୍ରେଡ୍ ଉଚ୍ଚ ବିଦ୍ୟାଳୟ ପିଲାଙ୍କ ସଫଳତା

**ପାରଳାଖେମୁଣ୍ଡି,୨୩।୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହର ଉପକଣ୍ଠ ଯାଜପୁରସ୍ଥିତ ଅପ୍‌ଗ୍ରେଡ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ପ୍ରଶଂସିତ ହୋଇଛନ୍ତି। ସ୍କୁଲର ୧୦ମ ଶ୍ରେଣୀର ଛାତ୍ର ସିଲୁ ପ୍ରଧାନ କନିଷ୍ଠ ରେଡ୍‌କ୍ରସ ବିଭାଗରେ ଭୁବନେଶ୍ୱରର ରେଡକ୍ରସ ଭବନଠାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନବମ ଶ୍ରେଣୀ ଛାତ୍ର ରାଜେଶ ପଲେଇ ପାଣି ପଞ୍ଚାୟତ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରଛନ୍ତି। ସେହିପରି ସୌମ୍ୟରଞ୍ଜନ ଶବର ଜାତୀୟ ସ୍ତରୀୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ସ୍କୁଲର ଗୌରବ ବଢ଼ାଇଛନ୍ତି। ପ୍ରକାଶ ଯେ, ୨୦୧୮-୧୯ ବର୍ଷରେ ଅନୁଷ୍ଠିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏହି ବିଦ୍ୟାଳୟ ବିଶେଷ ସଫଳତା ହାସଲ କରି ଜିଲାର ଶ୍ରେଷ୍ଠ ସ୍କୁଲ ବିବେଚିତ ହେବା ସହ ୧ଲକ୍ଷ ଟଙ୍କା ପୁରସ୍କାର ପାଇଛି। ଏଥିସହ ସ୍କୁଲର ୮ ପିଲା ୫ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପାଇଛନ୍ତି। ସେହିପରି ୪ ଛାତ୍ର ପଠାଣି ସାମନ୍ତ ଗଣିତ ବୃତ୍ତି ପାଇଥିବା ଜଣାପଡ଼ିଛି। ସେମାନେ ହେଲେ ଲକ୍ଷ୍ମୀ ନାରାୟଣ ବିଶ୍ୱାଳ, ବିଦ୍ୟାଧର ପ୍ରଧାନ, ଆଶିଷ କୁମାର କିଙ୍ଗଲ, ଫିରୋଜ ନାୟକ। ସମସ୍ତ ସଫଳତା ପାଇଁ ବିଦ୍ୟାର୍ଥୀମାନଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ରଞ୍ଜିତା କୁମାରୀ ପାଢ଼ୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ସ୍କୁଲର ଏପରି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ପୋଡ଼ି ହୋଇ ୨ ଗୁରୁତର

**ଗୁଣପୁର,୨୩।୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଏସପିଗୁଡ଼ାଠାରେ ରବିବାର ରାତିରେ ପୋଡ଼ି ହୋଇ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ପିଙ୍କି ଶବର ଓ ଅନ୍ୟ ଜଣଙ୍କ ପରିଚୟ ଜଣାପଡ଼ିନାହିଁ । ସେମାନଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ସେମାନେ କିରୋସିନ ଢାଳି ନିଜେ ନିଆଁ ଲଗାଇଥିବା ଜଣାଯାଇଛି ।



ବୈଠକରେ ଉପସ୍ଥିତ ଅତିଥିମାନେ ।

# ଗ୍ରାମାଞ୍ଚଳ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେଉଛି

## ଚନ୍ଦାହାଣ୍ଡିରେ ଏକଲ ଅଭିଯାନର ମାସିକ ବୈଠକ

**ଚନ୍ଦାହାଣ୍ଡି, ୨୩।୨(ଡି.ଏନ୍.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଶିଶୁ ମନ୍ଦିରରେ ଏକଲ ଅଭିଯାନର ମାସିକ ବୈଠକ ବ୍ଲକ ପ୍ରମୁଖ ସୁବଳ ବାଘଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଭାଜପାର ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ ମୁଖ୍ୟ ଅତିଥି, ଭାଜପା ନେତା ଦିଲୀପ ଦାସ, ପ୍ରତାପ ବାଘ, ଭୁବନେଶ୍ୱର ସାଗର, ପ୍ରଭାତ ସୁନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକରେ ୨୦୧୭ରୁ ବନବନ୍ଧୁ ପକ୍ଷରୁ ସଂଚାଳିତ ଏକଲ ଅଭିଯାନରେ ୧୩ଟି ପଞ୍ଚାୟତର ୩୦ଟି ବିଦ୍ୟାଳୟ ଖୋଲାଯାଇ ପାଞ୍ଚଟି ଶିକ୍ଷା ପ୍ରଦାନ କରାଯାଉଛି। ବାଳ ଶିକ୍ଷା ମାଧ୍ୟମରେ ୬ରୁ ୧୪ ବର୍ଷର ପିଲାଙ୍କୁ ଜୀବନ ଉପଯୋଗୀ ଶିକ୍ଷା ପ୍ରଦାନ କରାଯାଉଛି। ଗ୍ରାମ ଶିକ୍ଷା ମାଧ୍ୟମରେ ଜନ ସାଧାରଣଙ୍କୁ ଆରୋଗ୍ୟ ଯୋଜନା, ସଂସ୍କାର ପାଇଁ ବିଭିନ୍ନ ସତ୍‌ସଙ୍ଗ କେନ୍ଦ୍ର ଏବଂ ସଂସ୍କାରମୂଳକ ଶିକ୍ଷା ପ୍ରଦାନ କରାଯାଉଥିବା ଅତିଥିମାନେ କହିଥିଲେ। ଏହି ଅଭିଯାନ ଦ୍ୱାରା ଗ୍ରାମାଞ୍ଚଳରେ ଛୋଟ ଶିଶୁଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା ସହ ରାଷ୍ଟ୍ର ଚିନ୍ତାଧାରା ଜାଗ୍ରତ ହେଉଛି। କାର୍ଯ୍ୟକ୍ରମରେ ୩୦ଟି ଶିକ୍ଷା କେନ୍ଦ୍ରରୁ ଗୁରୁମା, ଗୁରୁଜୀ ଯୋଗ ଦେଇଥିଲେ।

### ବ୍ରହ୍ମପୁରରେ ବଢ଼ୁଛି ଘରୋଇ ନର୍ସିଂହୋମ୍

# ସ୍ୱାସ୍ଥ୍ୟସେବା ନାଁରେ ଚାଲିଛି ଲୁଟ

*ବ୍ରହ୍ମପୁର ଅଫିସ, ୨୩।୨-ଗତ କିଛି ଦିନ ହେଲା ବ୍ରହ୍ମନଗର ଦ୍ୱିତୀୟ ଲେନ୍‌ରେ ଥିବା ଗୁରୁଦେବ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ଅବହେଳାରୁ ଐଶ୍ୱର୍ଯ୍ୟା ସିଂଦେଓଙ୍କର ମୃତ୍ୟୁ ହୋଇଥିଲା। ଜିଲା ପ୍ରଶାସନର ତଦନ୍ତ ଓ ଚଡ଼ାଉ ପରେ ବର୍ତ୍ତମାନ ଉକ୍ତ ହସ୍‌ପିଟାଲକୁ ସିଲ୍ କରାଯାଇଛି । କିନ୍ତୁ ଏଭଳି ଘଟଣା ଥରେ ନୁହେଁ ବାରମ୍ବାର ବିଭିନ୍ନ ସମୟରେ ବ୍ରହ୍ମପୁର ସହରରେ ଘଟୁଛି। ହେଲେ ହସ୍‌ପିଟାଲ ମାଲିକ ଓ ଡାକ୍ତର ସେବା ବଦଳରେ ରୋଗୀଙ୍କ ଜୀବନ ସହ ଖେଳି ବ୍ୟବସାୟ ଚଳାଉଛନ୍ତି । ରୋଗୀମାନେ ସରକାରୀ ଚିକିତ୍ସାଳୟରେ ଠିକ୍ ଚିକିତ୍ସା ସୁବିଧା ପାଉ ନ ଥିବାରୁ ଘରୋଇ ହସ୍‌ପିଟାଲକୁ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ହେଲେ ସେବା ନାଁରେ ଚାଲିଛି ହରିଲୁଟ । ଏନେଇ ବ୍ରହ୍ମପୁର ସହରର କେତେକ ସାମାଜିକ କର୍ମୀ, ବୁଦ୍ଧିଜୀବୀଙ୍କଠାରୁ ଜାଣିବା ସେମାନଙ୍କ ପ୍ରତିକ୍ରିୟା ।*

### ସେମାନେ ଯାହା କୁହନ୍ତି

“ ବାରମ୍ବାର ଏଭଳି ଘଟଣା ଘଟୁଥିବା ଯୋଗୁ ଏହାକୁ ଦୁର୍ଘଟଣା ଭାବିବା ଉଚିତ ନୁହେଁ। ହସ୍‌ପିଟାଲ କର୍ତ୍ତୃପକ୍ଷ କେବଳ ବ୍ୟବସାୟ କରୁଛନ୍ତି। ରୋଗୀଙ୍କ ଜୀବନ ସହ ଖେଳିବା ଅପରାଧ। ତେଣୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ଏମ୍‌କେସିଜି ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର । ୧୬୦ କୋଟି ଟଙ୍କା ଅନୁଦାନରେ ଏହାର ଭିତ୍ତିଭୂମି ବଢ଼ାଇବା ସହ ବର୍ଣ୍ଣ ୟୁନିଟ, କ୍ୟାନ୍‌ସର ୟୁନିଟ ଇତ୍ୟାଦି ବ୍ୟବସ୍ଥା କରାଯିବା ଉଚିତ ।



**– ବବିତା ପାତ୍ର, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା**

“ ବାରମ୍ବାର ଏଭଳି ଘଟଣା ଉକ୍ତ ହସ୍‌ପିଟାଲରେ ଘଟିଚାଲିଛି । ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ । ସମସ୍ତ ଘରୋଇ ଚିକିତ୍ସାଳୟକୁ ଯାଞ୍ଚ କରାଯାଉ। ନଚେତ ରୋଗୀ ସୁସ୍ଥ ହେବାକୁ ଆସିଥିବା ବେଳେ ତାଙ୍କର ଅକାଳରେ ମୃତ୍ୟୁ ଘଟିବ।



**–ସୋନାଲି ହାଜ୍ରା, ଇନରହ୍ୱିଲ କ୍ଲବ ସଭାପତି**

“ ଏହା କିଛି ନୂଆ କଥା ନୁହଁ । ଲୋକଙ୍କ ଜୀବନ ସହ ଖେଳିବା ଏକ ସୌକ ବୋଲି ମନେହେଉଛି। ଭଗବାନ ଭାବି ଆମେ ଡାକ୍ତରଙ୍କ ପାଖକୁ ଯାଉ । କିନ୍ତୁ ମନମୁଖୀ ଶାସନ ସେମାନଙ୍କୁ ରାକ୍ଷସ ସଜାଇ ମୃତ୍ୟୁ ଦୂତ ଭଳି କାମ କରେ । ଘରୋଇ ନର୍ସିଂହୋମଗୁଡ଼ିକୁ ଯାଞ୍ଚ କରାଯିବା ଉଚିତ।



**–ରାମ ପାତ୍ର, ଭାଜପା ନେତା**

“ ଦାୟିତ୍ୱହୀନତା ଓ ବ୍ୟବସାୟୀକରଣ ହିଁ ଏଭଳି ଘଟଣାର ମୁଖ୍ୟ କାରଣ । ମୋତେ ଲାଗୁଛି ଏଭଳି ଅପରାଧ ବାରମ୍ବାର ଘଟୁଛି । ଓଭର ଡୋଜ ହେଉ କିମ୍ବା ସର୍ଜରୀ ସମୟର କେତେକ ତ୍ରୁଟି ଯୋଗୁ ନିରୀହ ମଣିଷଙ୍କ ପ୍ରାଣବାୟୁ ଅକାଳରେ ଚାଲିଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଯାଞ୍ଚ କରାଯାଇ ଘରୋଇ ହସ୍‌ପିଟାଲଗୁଡ଼ିକୁ କଡ଼ା ନଜରରେ ରଖିବା ଉଚିତ ।



**–ସଂଘମିତ୍ରା ଦଳେଇ, ଜିଲା ବିଜେଡ଼ି ସଭାନେତ୍ରୀ**

“ ଗତ ୬ ମାସ ପୂର୍ବରୁ ମଧ ଏଭଳି ଏକ ମୃତ୍ୟୁ ହୋଇଥିଲା । ସର୍ଜରୀର କିଛି ମିନିଟ୍ ପରେ ରୋଗୀଙ୍କୁ ନର୍ସଙ୍କ ଭରସାରେ ଛାଡ଼ି ଦେଇ ଚାଲିଯାଉଛନ୍ତି । ଫଳରେ ଏଭଳି ମୃତ୍ୟୁ ବାରମ୍ବାର ଘଟିଚାଲିଛି । ଘରୋଇ ହସ୍‌ପିଟାଲକୁ ଯାଞ୍ଚ କରାଯିବା ସହ ସରକାରୀ ହସ୍‌ପିଟାଲରେ ରୋଗୀ ସେବା ତ୍ୱରାନ୍ୱିତ କରାଯାଉ ।



**–ରଞ୍ଜନା ମିଶ୍ର, ଇନରହ୍ୱିଲ କ୍ଲବ ସମ୍ପାଦିକା**

“ ଅପରେଶନ ପରେ ମହିଳାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଡାକ୍ତର କିମ୍ବା ମେଡ଼ିକାଲ କର୍ତ୍ତୃପକ୍ଷଙ୍କର ତ୍ରୁଟି ତାହା ତଦନ୍ତ ପରେ ଜଣାପଡ଼ିବ । ଠିକ୍ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡ ବ୍ୟବସ୍ଥା କରାଯିବ ଉଚିତ।



**– ସୁଜିତ ପାତ୍ର, ଛାତ୍ର**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଫେବୃୟାରୀ ୨୪ /୨୦୨୦ Rayagada, Monday, February 24/ 2020

## ସଂକ୍ଷେପରେ

### ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ



**ଚନ୍ଦାହାଣ୍ଡି, ୨୩।୨(ଡି.ଏନ୍.ଏ)**
ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡ଼ା ପଞ୍ଚାୟତ ଅଧୀନ ମୋଡିଙ୍ଗାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଛତିଶଗଡ଼ ବିନ୍ଦ୍ରାପୟାଗଡ଼ ବିଧାୟକ ଡମ୍ବରୁଧର ମାଝି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ମାଝି, ବ୍ଲକ ଅଧକ୍ଷ ଟିକମ ସିଂ ନାୟକ, ଭାଜପା ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କୋରାପୁଟ ସବ୍‌ଜୋନ ସଂଯୋଜକ ବାଲ୍ମିକୀ ପ୍ରଧାନ, ସରପଞ୍ଚ ଚେନସିଂ ପୂଜାରୀ, ଦେଓଭୋଗ ଶକ୍ତି ପୀଠ ସଂଯୋଜକ ଦୁର୍ଗା ପ୍ରସାଦ ଅଗ୍ରୱାଲ, କାଣ୍ଡେକେଲା ଶକ୍ତିପୀଠ ସଂଯୋଜକ ଉମର ସିଂ ସାଣ୍ଡେଲ୍ୟ, କେନ୍ଦୁରାମ ଯାଦବ, ଉମାକାନ୍ତ ହଂସରାଜ, ନବରଙ୍ଗପୁର ଶକ୍ତିପୀଠ ସଂଯୋଜକ ମନୋଜ ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ପଦ୍ମଲୋଚନ ସୁନାନୀ, ତେନ୍ତୁଲିଖୁଣ୍ଟି ସଂଯୋଜକ ବାଦଲ କୁମାର ମହାନ୍ତି, ଅନନ୍ତ ସାଗର ଗୋ ଆଶ୍ରମରୁ ଉଦୟ ନାଥ ବାବା, ଚନ୍ଦାହାଣ୍ଡି ଶକ୍ତି ପୀଠ ସଂଯୋଜକ ମଧୁକର ଦାଶ, ରାଇଘର ଶକ୍ତି ପୀଠ ସଂଯୋଜକ କମଲ ସିଂ ରାଜପୁତ, ପାପଡାହାଣ୍ଡି ଶକ୍ତି ପୀଠ ସଂଯୋଜକ କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ପ୍ରଥମ ଥର ପାଇଁ ଏଭଳି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ମହାଯଜ୍ଞ ଏପ୍ରିଲ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ନାୟକ, ଉପେନ୍ଦ୍ର ନାଗ, ଘନଶ୍ୟାମ ଗୌଡ଼, ହୁସିଆର ବିଶି ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୨୩।୨-** ଭଦ୍ରକ ଜିଲା ଚରମ୍ପା ତିଶଳପୁର ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ବ୍ଲକ ଖଣ୍ଡତଡ଼ା ମଉଦା ଗାଁର ଗୁରୁ ମହାନ୍ତିଙ୍କ ପୁଅ ରୂପେଶ ମହାନ୍ତି।

# ସାଙ୍ଗଠନିକ ରାଜନୀତିରେ ବାପା-ପୁଅ

## ଅବିଭକ୍ତ କୋରାପୁଟ ଜିଲା

**ନବରଙ୍ଗପୁର,୨୩।୨(ବି.ପ୍ର.)**

ରାଜନୈତିକ ଦଳରେ ଦେଖିବାକୁ ମିଳିଥାଏ ପାରିବାରିକ ରାଜନୀତି। ନିର୍ବାଚନ ସମୟରେ ଦଳୀୟ ଟିକଟ ବଣ୍ଟାଯିବା ବେଳେ ଏହା ନଜରକୁ ଆସିବା ସହ ଚର୍ଚ୍ଚା ମଧ ହୋଇଥାଏ। ସେହିଭଳି ଦଳର ସାଙ୍ଗଠାନୀକ କ୍ଷେତ୍ରରେ ଦାୟିତ୍ୱ ବଣ୍ଟନ ବେଳେ ପାରିବାରିକ ରାଜନିତୀ ମଧ ରହିଛି। ଅଣକଂଗ୍ରେସ ହେଉ କିମ୍ବା କଂଗ୍ରେସ ଦଳ ସବୁଠି ପରିବାର ରାଜନୀତି ଏବେ ବି ବଞ୍ଚିଛି। ଅବିଭକ୍ତ କୋରାପୁଟ ଜିଲାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ କ୍ଷେତ୍ରରେ ଏହା ମଧ ଦେଖିବାକୁ ମିଳୁଛି। । ଜିଲା ସଭାପତି ହେଉ କିମ୍ବା ଜିଲାରେ ଦଳର ସାଙ୍ଗଠନିକ ମୁଖିଆ ଭାବେ ବାପା ପରେ ପୁଅ ଦାୟିତ୍ୱ ନେବା ଏକ ନିଆରା ଚିତ୍ର ଦେଖିବାକୁ ମିଳେ । ଅବିଭକ୍ତ କୋରାପୁଟ ଜିଲା କଂଗ୍ରେସ ଦଳର ସଭାପତି ଭାବେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀ ରହିଥିଲେ। ତାଙ୍କ ରାଜନିତୀର ଭାଗିଦାରୀ ପୁତୁରା ମୁନା ତ୍ରିପାଠୀ ଏବେ ନବରଙ୍ଗପୁର ଜିଲାର ସଭାପତି ଦାୟିତ୍ୱ ତୁଲାଉଛନ୍ତି । ସେହିଭଳି ଜନତା ଦଳର ଜିଲା ସଭାପତି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝୀ ରହିଥିଲେ। ତାଙ୍କ ପୁଅ ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ ନବରଙ୍ଗପୁର ଜିଲା କଂଗ୍ରେସ ସାଙ୍ଗଠାନିକ ଦାୟିତ୍ୱ ବୁଝିବା ସହ ରାଜ୍ୟର କାର୍ଯ୍ୟକାରୀ ସଭାପତି ରହିଛନ୍ତି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀ ଅବିଭକ୍ତ କୋରାପୁଟ ଜିଲା ଜନତା ଦଳର ସଭାପତି ଦାୟିତ୍ୱ ତୁଲାଇଥିଲେ । ପରବର୍ତ୍ତୀ ସମୟରେ ବିଜେଡି ଗଠନ ହେବା ପରେ ନବରଙ୍ଗପୁର ଜିଲା ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। ତାଙ୍କ ପୁଅ ଏମପି ରମେଶ ଚନ୍ଦ୍ର ମାଝୀ ଏବେ ବିଜେଡି ଜିଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି । ଛତିଶଗଡ ରାଜ୍ୟର ବଳିରାମ କଷ୍ୟପଙ୍କ ଜ୍ୱାଇଁ ପର୍ଶୁରାମ ମାଝୀ ଭାଜପା ଜିଲା ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ । ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକା ରାୟଗଡା ଜିଲାର କଂଗ୍ରେସ ସଭାପତି ଥିଲେ । ତାଙ୍କ ପୁଅ ଏମପି ସପ୍ତଗିରୀ ଉଲାକା ଏବେ ରାୟଗଡା ଜିଲା କଂଗ୍ରେସ ସଙ୍ଗଠନର ମଙ୍ଗ ଧରିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ କେତେକ ନେତାଙ୍କ ପରିବାର ସାଙ୍ଗଠାନୀକ ଧାରାରେ ଜିଲା ଦାୟିତ୍ୱ ନେଇ ପାରି ନାହାନ୍ତି । ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ପୁଅ ବିରେନ ପଟ୍ଟନାୟକ ରାଜ୍ୟର କଂଗ୍ରେସ ସେବା ଦଳର ମୁଖ୍ୟ ସଙ୍ଗଠକ ଥିଲେ । କିନ୍ତୁ ଜିଲାରେ ସଙ୍ଗଠନ ଦାୟିତ୍ୱ ନେଇ ପାରି ନାହାନ୍ତି। ସେହିପରି ଅଣ କଂଗ୍ରେସ ଦଳର ଅବିଭକ୍ତ କୋରାପୁଟ ଜିଲାର ସଭାପତି ଜୟଦେବ ପରିଡାଙ୍କ ପରିବାର ଏଥିରୁ ବାଦ ପଡିଛନ୍ତି। ଅବିଭକ୍ତ କୋରାପୁଟ ଜିଲା କଂଗ୍ରେସ ସଭାପତି ହାବିବୁଲା ଖାନଙ୍କ ପରିବାର ସାଙ୍ଗଠାନୀକ କ୍ଷେତ୍ରରେ ପଛରେ ଥିଲେ ମଧ ତାଙ୍କ ପୁତୁରା ମୁନା ଖାନ ବିଜେଡିରେ ରହି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପଦେଷ୍ଟା (ରାଷ୍ଟ୍ରମନ୍ତ୍ରୀ ପାହ୍ୟା )ଭାବେ ନିଯୁକ୍ତ ହୋଇ ବର୍ତ୍ତମାନ ନବରଙ୍ଗପୁର ଜିଲାରେ ସଙ୍ଗଠନ ଜାରି ରଖିଛନ୍ତି । ତେବେ ୬୦ ଦଶକରେ ଅବିଭକ୍ତ କୋରାପୁଟ ଜିଲାର ସ୍ୱତନ୍ତ୍ର ଦଳର ସଭାପତି ଭାବେ ଡଃ. ଏ.ଆର.ଖାନ ସଙ୍ଗଠନ ଦାୟିତ୍ୱରେ ଥିବା ସମୟରେ ତାଙ୍କ ଜ୍ୱାଇଁ ହାବିବୁଲା ଖାନ କଂଗ୍ରେସ ଦଳର ସଙ୍ଗଠନର ଦାୟିତ୍ୱ ନେଇଥିଲେ ।

# ଧାନଗଦା ସହ ଗାଡି ଜଳିଗଲା

## ନିଆଁକୁ ଆୟତ୍ତ ବେଳେ ଜଣେ ଆହତ

**ପାପଡାହାଣ୍ଡି,୨୩।୨(ଡି.ଏନ.ଏ)**



ପୋଡି ଯାଇଥିବା ଗାଡି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ ଖରକି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ଗୋଟିଏ ଟାଟା ମେଜିକ ଗାଡି ସହ ୨ ଟି ଧାନ ଗଦା ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ନିଆଁ ଲିଭାଉଥିବା ସମୟରେ କ୍ଷମା ହରିଜନ ଆହତ ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପାପଡାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଗ୍ରାମର ହରିଶ୍ଚନ୍ଦ୍ର ମୀରଗାନ ଓ ପ୍ରଭୁଦାନ ମୀରଗାନଙ୍କ ପ୍ରାୟ ୬ ଏକର ଜମିର ୨ ଟି ଧାନ ଗଦା ଖଗେଶ ହରିଜନଙ୍କ ବାଡ଼ିରେ ଥିଲା । ଉରଦି ଗ୍ରାମର ପର୍ଶୁରାମ ହରିଜନ ନିଜ ପରିବାରଙ୍କୁ ଧରି ଟାଟା ମେଜିକ ଗାଡି (ନଂ. ଓଆର୧୦ଜେ୧୫୭୬)ରେ ଖରକି ବୁଲିବାକୁ ଆସି ଧାନ ଗଦା ନିକଟରେ ଗାଡିଟିକୁ ରଖିଥିଲେ । ବାସି ଶିବରାତ୍ରି ଲାଗି ରାତିରେ ଗାଁରେ ଦେଶିଆ ନାଚ ଚାଲିଥିଲା । ବିଳମ୍ବିତ ରାତିରେ ଧାନ ଗଦାରେ ନିଆଁ ଲାଗିଥିବା ଦେଖି ସମସ୍ତେ ନିଆଁ ଲିଭାଇବାକୁ ଧାଇଁଥିଲେ । ଚାହୁଁଚାହୁଁ ୨ ଟି ଧାନ ଗଦା ସହ ଗାଡ଼ିରେ ନିଆଁ ଲାଗି ଯାଇଥିଲା । ସ୍ଥାନୀୟ ଲୋକେ ନିକଟସ୍ଥ ନଳକୂପରୁ ପାଣି ଆଣି ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ସମୟରେ କାଛ ଉପରୁ ପଡି କ୍ଷମା ହରିଜନ ଆହତ ହୋଇଥିଲେ । କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି ।ଏନେଇ କୋଡ଼ିଙ୍ଗା ଥାନାରେ ଏତଲା ଦିଆଯାଇଛି।

# 'ସପ୍ତକାଣ୍ଡ ରାମାୟଣ' ଗୀତ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ନବରଙ୍ଗପୁର,୨୩।୨(ବି.ପ୍ର.)**

ସ୍ଥାନୀୟ କୁଞ୍ଜ ବିହାରୀ ପାଠାଗାରରେ 'ପୋଡାଗଡ ଐତିହାସିକ ପୃଷ୍ଠଭୂମି ଓ ପାପହାହାଣ୍ଡି ଶିବ ମନ୍ଦିରର ପ୍ରାଚୀନତା ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପାଠଗାରର ସଭାପତି ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ । ଜିଲାର କେବଳ ପୋଡାଗଡ ଓ ପାପଡାହାଣ୍ଡି ନୁହେଁ, ପାରୁଆ, କେଲିଆ, ଗଡପଦର, ଅଞ୍ଚଳଗୁମା ଶୈବପୀଠ ସହିତ ବନଅରଣ୍ୟ, ନଦୀପ୍ରସ୍ତରରେ ମଧ ଇତିହାସର ଉପାଦାନ ଭରି ରହିଥିବା କହିଥିଲେ । ମୁଖ୍ୟ ଅତିଥି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ପୁରାତନ ସଭ୍ୟତା ସଂପର୍କରେ ଆଲୋଚନା ଜିଲାପାଇଁ ଉପଯୋଗୀ ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ବିଷମକଟକର ଇତିହାସ ଗବେଷକ ଶ୍ରୀରଙ୍ଗ ନାୟକ କହିଥିଲେ ପୋଡାଗଡ ୨ହଜାର ବର୍ଷର ଇତିହାସ , ପାପଡାହାଣ୍ଡି ଦଶମ ଶତାବ୍ଦୀ ଓ ବୋରିଗୁମ୍ମାର ଭୈରବସ୍ୱାମୀ ବହୁ ପୁରାତନରୁ ରହିଛନ୍ତି । ଏଠାରେ ଶୀଳାଲିପି ରହିଛି । ଶୀଳାଲେଖ ଅନେକ ରହିଥିବାବେଳେ ପୋଡାଗଡ ବାମନକ୍ଷେତ୍ର ବୋଲି କହିଥିଲେ । ଜିଲାର ଶୀଳାଲିପି ଓ ତାଳପତ୍ରକୁ ନେଇ ଏକ ସଂଗ୍ରହାଳୟ କରିବାକୁ ସେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟତମ ଅତିଥୀଭାବେ ବରିଷ୍ଠ ସାହିତ୍ୟିକ ଗୋପବନ୍ଧୁ ବିଷୋୟୀ ଯୋଗଦେଇଥିଲେ। ଏହି ଅବସରରେ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ପଞ୍ଚାୟତର ଗୁଡ୍ରା ଗ୍ରାମ ନିବାସୀ ବରିଷ୍ଠ ନାଟଗୁରୁ ପିତାମ୍ବର ବିଷୋୟୀଙ୍କର ଦ୍ୱାରା ଲିଖିତ 'ସପ୍ତକାଣ୍ଡ ରାମାୟଣ'ର ଗୀତ ପୁସ୍ତକ ଉନ୍ମୋଚିତ କରାଯାଇଥିଲା । ଏହାର ପ୍ରକାଶକ କ୍ଷେତ୍ରମୋହନ ବିଷୋୟୀ ରହିଛନ୍ତି । ଏଥିରେ ଶ୍ରୀରାମଙ୍କ ଜନ୍ମ ବୃତାନ୍ତ ସହ ତାଙ୍କର ଶରୀର ତ୍ୟାଗ ପର୍ଯ୍ୟନ୍ତ ଲେଖାଯାଇଛି । ସେ ସ୍କୁଲରେ ପାଠପଢିନଥିଲେ ମଧ ୫୦ଟି ଆଦିବାସୀ ନାଟକ ଲେଖିଥିବାବେଳେ ବହୁନାଟକ ଆକାଶବାଣୀରେ ପରିବେଷଣ କରାଯାଉଥିବା କହିଥିଲେ। ପରେ ସରୋଜ ତ୍ରିପାଠୀ, ବାସନ୍ତୀ ଜେନା, ପର୍ଶୁରାମ ସାହୁ ଓ ଜେମାମଣି ବିଷୋୟୀ ପ୍ରମୁଖ ସ୍ୱଚରିତ କବିତାପାଠ କରିଥିଲେ । ପାଠାଗାର ସମ୍ପାଦକ ରଜନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଏଏକୁ ନେଇ ବୁଦ୍ଧିଜୀବୀଙ୍କ ସମ୍ମିଳନୀ

**ଉମରକୋଟ,୨୩।୨(ଡି.ଏନ.ଏ)**

ଉମରକୋଟସ୍ଥିତ ଶିଶୁମନ୍ଦିର ବିଦ୍ୟାଳୟ ପରିସରେ ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଏସଏସ ସହପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ମୁଖ୍ୟବକ୍ତା ସାମାଜିକ କର୍ମୀ ଜୟଦେବ କୁମାର ପରିଡା, ଶିକ୍ଷକ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସଂଘର ଜିଲା କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ରାଜଗଣ୍ଡ ଓ ସୁରେଶ ଆଚାର୍ଯ୍ୟ ଯୋଗ ଦେଇଥିଲେ।ଏଥିରେ ସ୍ଥାନୀୟ ରାମମନ୍ଦିର ସଭାପତି ଜଟେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ଆରଏସଏସ ଜିଲା ସମ୍ପାଦକ ସୁନୀଲ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ମୁଖ୍ୟଅତିଥି ବୁଝାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଦେଶବ୍ୟାପୀ ସିଏଏ, ଏନପିଆର, ଏନଆରସି ଆଇନକୁ ବିରୋଧ କରି ଆନ୍ଦୋଳନ ଚାଲିଛି। ଅନେକ ଏହି ଆଇନକୁ ନ ବୁଝି ଆନ୍ଦୋଳନରେ ସାମିଲ ହେଉଛନ୍ତି। ଏହି ଆଇନ ସମ୍ପର୍କରେ ପ୍ରଚାର ପ୍ରସାର କରିବା ଏବଂ ସମସ୍ତଙ୍କୁ ଆଇନ ସମ୍ପର୍କରେ ବୁଝାଇବା ପାଇଁ ସ୍ୱୟଂ ସେବକ ତରଫରୁ ଆହ୍ୱାନ କରାଯାଇଥିଲା। ସୁନୀଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ସମ୍ପର୍କ ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ରାଇଘର,୨୩।୨(ଡି.ଏନ.ଏ )**

ରାଇଘର ବ୍ଲକ ଜୋଡିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବ୍ଲକ ସ୍ତରୀୟ ସମ୍ପର୍କ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଉଦଘାଟନ କରିଥିଲେ । ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବ୍ଲକ ଅଧକ୍ଷ ବିନ ଗଣ୍ଡ,ବ୍ଲକ ଉପାଧକ୍ଷ ବିଶ୍ୱ ନାଥ ସିଲ,ଅବସର ପ୍ରାପ୍ତ ଆଇଟିଡିଏ ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ କୁମାର ,ବି ଯୁଧିଷ୍ଠିର ନାୟକ,ଏବିଡିଓ ବିଜୟ କୁମାର ସେଠୀ,ଜିଲ୍ଲା ପରିଷଦ ସଭ୍ୟା ପ୍ରିତିସ୍ନିଗ୍ଧା ମହାପାତ୍ର,ଦେଓ କୁମାରି ଗଣ୍ଡ,ପୁନିତା ଗଣ୍ଡ ଯୋଗ ଦେଇଥିଲେ । ଆଇଟିଡିଏ ଅଧିକାରୀ ସହ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଜନା ସମ୍ପର୍କରେ ସଚେତନତା କରିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ରେ ଜୋଡିଙ୍ଗା କନ୍ୟାଶ୍ରମର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କୃଷି,ସ୍ୱାସ୍ଥ୍ୟ,ବନ ବିଭାଗ ଭଳି ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ମାନ ଖୋଲା ଯାଇଥିଲା । ଏପିଓ ମୋସିଦାସ ଖଣ୍ଡା,ସିଡିପିଓ ସୁତାପା ଚୌଧରୀ,କୃଷି ଅଧିକାରୀ ସନ୍ତୋଷ ନାୟକ ସହ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଅନୁସୂଚିତଜାତି ଓ ଜନଜାତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଞ୍ଚାୟତ ସମିତି ରାଇଘର ଏବଂ ନବରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି।

# ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଡାବୁଗାଁ, ୨୩।୨ (ଡି.ଏନ.ଏ.)**

ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ମା'ଦଶମୁଣ୍ଡିଆ ମନ୍ଦିର ପରିସରରେ ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ (ନୂତନ ପେନସନ ଯୋଜନା) ସଂଘର ଏକ ବୈଠକ ପଙ୍କଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ନୂତନ ପେନସନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପୁରୁଣା ପେନସନ ଏବଂ ଜିପିଏଫ ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି ରଖିବାକୁ ସ୍ଥିର କରାଯାଇଥିଲା । ଏଥିରେ ବର୍ତ୍ତମାନ ଥିବା ସଂଘକୁ ଭଙ୍ଗାଯାଇ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ବିକାଶ ରଞ୍ଜନ ନିଶଙ୍କ, ଉପସଭାପତି ରାଇସିଂ ପୂଜାରୀ, ମହିଳା ସଭାନେତ୍ରୀ ଅନିତା ବେହେରା, ସମ୍ପାଦକ ସୁରେଶ କୁମାର ବେହେରା, ସହସମ୍ପାଦକ ହେମନ୍ତ କୁମାର ପଣ୍ଡା ଓ ହିରଣ୍ୟ ମାଝୀ, କୋଷାଧକ୍ଷ ଗାଗାରିନ ହରିଜନ, କାର୍ଯ୍ୟକାରୀ ସଭ୍ୟା ଦୁଲଣୀ ଖୁଣ୍ଟିଆ, ଗୀତାଞ୍ଜଳୀ ବସ୍ତିଆ, ସଭ୍ୟ କଳାସୁନ୍ଦର ଭତ୍ରା, ଅଜିତ ଷଡଙ୍ଗୀ, ପଦ୍ମନାଭ ମାଝୀ, ଉପଦେଷ୍ଟା ମୋହନସିଂ ଗଣ୍ଡ, ପଙ୍କଜ କୁମାର ମହାନ୍ତି, ସୌଭାଗ୍ୟ ବିଶ୍ୱାଳ, ମିଡିଆ ସେଲ ସଂଯୋଜକ ଶ୍ରୀକାନ୍ତ କୁମାର ପଣ୍ଡା ମନୋନୀତ ହୋଇଥିଲେ। ପ୍ରତି ପଞ୍ଚାୟତ ପାଇଁ ଜଣେ ଜଣେ ପଞ୍ଚାୟତ ସଂଯୋଜକ ଯୁଧିଷ୍ଠିର ମାଝୀ, ଦେବେନ୍ଦ୍ର ପରିଡା, ବନୁ ପନକା, ରାଜୁ ହରିଜନ, ଶଶିକଳା ଜେନା, ଗଦାଧର ମାଝୀ, ସୁରେଶ ହରିଜନ, ବଳିରାମ ଭତ୍ରା, ହରିସିଂ ଭତ୍ରା, ସୁରେନ୍ଦ୍ର ମେହେର, ବିନୟ କଣ୍ଡଦୋରା, ପଦ୍ମାବତୀ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ ନୂତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ଶିକ୍ଷୟତ୍ରୀ ଶିକ୍ଷକ ମାନେ ଯୋଗ ଦେଇଥିଲେ।ଏନପିଏସ ଶିକ୍ଷକ ସଂଘର ଦାବୀ ଓ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଥିବା କାର୍ଯ୍ୟ ଗୁଡିକ ଅଳ୍ପ ଦିନ ମଧରେ ପୂରଣ କରିବା ନିମନ୍ତେ ଶିକ୍ଷକ ସଂଘ ତରଫରୁ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘର ସଭାପତି ବିକାଶ ରଞ୍ଜନ ନିଶଙ୍କ ସୂଚନା ଦେଇଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଦାସିଆ ସାଂସ୍କୃତିକ ପରିଷଦର ସାରସ୍ୱତ ସମାରୋହ

**ଉମରକୋଟ, ୨୩।୨(ଡି.ଏନ.ଏ)**

ଓଡିଶାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦାସିଆ ସାଂସ୍କୃତିକ ପରିଷଦର ସ୍ୱନକ୍ଷତ୍ର ଦିବସ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ସାହିତ୍ୟିକ ହୁସେନ ରବି ଗାନ୍ଧୀ, ମୁଖ୍ୟବକ୍ତା ଡଃ ଶେଷାନନ୍ଦ ମିଶ୍ର, ସମ୍ମାନିତ ଅତିଥି ସଭାପତି ଟୁଟୁବାବୁ ପଟ୍ଟନାୟକ, ସମ୍ପାଦକ ଏମ. ହିମାଂଶୁ ଆଚାରୀ, ଧର୍ମରାଜ ମାଝି, ସତ୍ୟଭାମା ମହାପାତ୍ର ଯୋଗ ଦେଇଥିଲେ। ସମ୍ପାଦକ ଏମ. ହିମାଂଶୁ ଆଚାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ମାତୃଭାଷାର ସମୃଦ୍ଧି ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଷଦର ମୁଖପତ୍ର ପ୍ରେରଣା ଓ ପ୍ରାବନ୍ଧିକ ଟୁଟୁ ପଟ୍ଟନାୟକଙ୍କ ପ୍ରବନ୍ଧ ସଂକଳନ ଶିକ୍ଷା ନୀତି ଓ ପ୍ରବନ୍ଧ କତିପୟର ଲୋକାର୍ପଣ ମୁଖ୍ୟଅତିଥି କରିଥିଲେ। ଏହି ଅବସରରେ ସୟଦ କାଜମ ମଦାନୀ, ରାମକୃଷ୍ଣ ନାୟକ, ସବିତା ସେନାପତି, ଡଃ ସ୍ୱାତୀ ଚାଟାର୍ଜୀଙ୍କୁ ଟିକିବାବୁ ସ୍ମୃତି ସମ୍ମାନ ୨୦୨୦, ଡଃ ହୁସେନ ରବି ଗାନ୍ଧୀ ଓ ସତ୍ୟଭାମା ମହାପାତ୍ରଙ୍କୁ ଦାଶରଥି ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୦, ଧର୍ମରାଜ ମାଝି, ଡଃ ଶେଷାନନ୍ଦ ମିଶ୍ରଙ୍କୁ 'ପ୍ରେରଣା' ସାରସ୍ୱତ ସମ୍ମାନ-୨୦୨୦, କଳିଙ୍ଗ ବିଦ୍ୟାପୀଠକୁ ସୁବାସ ଚନ୍ଦ୍ର ସ୍ୱାଇଁ ସ୍ମୃତି ସମ୍ମାନ ୨୦୨୦, ଗୋପାଳକୃଷ୍ଣ ସାମନ୍ତରାୟ ଓ ଜ୍ୟୋତ୍ସ୍ନା ଶ୍ରୀବାସ୍ତବଙ୍କୁ ରେବତୀ ସାମଲ ସ୍ମୃତି ସମ୍ମାନ-୨୦୨୦ ପ୍ରଦାନ କରାଯାଇଥିଲା। ସମୀର କୁମାର ପ୍ରଧାନ ଏହାକୁ ପରିଚାଳନା କରିଥିଲେ ।ଦ୍ୱିତୀୟ ଅଧିବେଶନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ବିଜୟ ଚୌଧୁରୀ ସଭାପତି, ମୀନା କୁମାରୀ ସ୍ୱାଇଁ, ବିଜୟଲକ୍ଷ୍ମୀ ସ୍ୱାଇଁ ଶତାଧିକ କବିତାଗୁଡିକର ବଳିଷ୍ଠ ସଂଯୋଜନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ମାନପତ୍ର ପ୍ରଦାନ କରୁଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ